
RNI No. : ODIODI/2015/64435
P.R. No. : CK(C)/96/2016-2018
www.pracheevoice.in

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ
# PRACHEE

ଡିସେମ୍ବର ୨୦୧୭
ମୂଲ୍ୟ : ୨୫ ଟଙ୍କା







ଜୀବନର ପରିଭାଷା ହେଉଛି ସାହିତ୍ୟ, ସୃଜନଶୀଳତା ଓ ବାସ୍ତବତା ନଥିଲେ ସାହିତ୍ୟ ବା ସଂସ୍କୃତି ଉତ୍କର୍ଷ ଲାଭ କରିପାରେନା । ସାହିତ୍ୟର କ୍ରମ ବିବର୍ତ୍ତନ ଅଛି । ଏହି ବିବର୍ତ୍ତନ ଜୀବନର ପରିବର୍ତ୍ତନ ସହିତ ସଂଶ୍ଳିଷ୍ଟ । ସାହିତ୍ୟକୁ ବୁଝିବାକୁ ହେଲେ ଆବଶ୍ୟକତା ପଡେ ପ୍ରୟାସର । ପ୍ରୟାସ ହେଉଛି ଜାଣିବାର ବୁଝିବାର ପ୍ରକୃଷ୍ଟ ମାଧ୍ୟମ । ସ୍ୱତଃସ୍ଫୁର୍ତ୍ତ ଭାବେ ମନଗହନରୁ ଭାସିଆସି ଲୋକମନକୁ ରଂଜିତ କରିପାରିଲେ ସାହିତ୍ୟ ସାର୍ଥକତା ପାଇଥାଏ । ସାହିତ୍ୟ ହେଉଛି ସମୁଦ୍ରପରି ଅପରିସୀମ ଓ ପରିବ୍ୟାପ୍ତ । ବିଭିନ୍ନ ରତ୍ନରେ ରତ୍ନଗର୍ଭା ମହାରଣ୍ୟ ପରି ସେ ଗଳ୍ପ, କବିତା, ନାଟକ, ପ୍ରବନ୍ଧ ରୂପକ ବୃକ୍ଷରାଜିରେ ପରିପୂର୍ଣ୍ଣ । ସ୍ରଷ୍ଟାର ଭାବ ଓ ଚେତନା ଉଭୟ ନିବିଡ ଭାବରେ ଛନ୍ଦାଛନ୍ଦି ହୋଇ ରହିଥାନ୍ତି । ଉଭୟ ଜଗତରୁ ଉପାଦାନ ସଂଗ୍ରହ କରାଯାଏ । ଯାହାକେବଳ ଭୌତିକ ଜଗତରୁ ସଂଗ୍ରହ କରାଯାଇ ପାରେନା । ତା'ର ସୃଷ୍ଟି ସମୁଦ୍ରର ଢେଉଭଳି ଶତଛନ୍ଦ ଭରା ଜହ୍ନଆ ଆକାଶ ଭଳି ସ୍ନିଗ୍ଧ ଓ ପ୍ରାଞ୍ଜଳ । ଛାଇ ଯେପରି ବସ୍ତୁର ସ୍ଥିତିକୁ ସୂଚାଇ ଦିଏ, ସ୍ରଷ୍ଟାର ସୃଷ୍ଟି ସୂଚାଇ ଦିଏ ସମାଜର ବ୍ୟକ୍ତିର ମନ ଆଉ ଭାବନାର ସ୍ଥିତିକୁ । କେହି କେବେ ଜନ୍ମରୁ ସ୍ରଷ୍ଟା ହୋଇନଥାଏ । ସାଧନା ଓ ପ୍ରୟାସର ମହାମିଳନରେ ଜଣେ ସ୍ରଷ୍ଟା ସଫଳରୂପାୟିତ ହୋଇଥାଏ । ସୃଜନଶୀଳତାର ଦ୍ୱିତଳ ପ୍ରାସାଦରେ ନିଜକୁ ହଜାଇ ସ୍ରଷ୍ଟା ସମାଜକୁ ଦେଇଥାଏ ନୂତନ ସାହିତ୍ୟ, ଜୀବନର ସତ୍ୟ ଓ ବାସ୍ତବତାକୁ ସାହିତ୍ୟ କେବଳ ପ୍ରକାଶ କରେ ନାହିଁ, ଅଧିକନ୍ତୁ ଜୀବନକୁ ସତ୍ୟାଶ୍ରୟୀ ଓ ବାସ୍ତବ ବାଦୀ ହେବାକୁ ଶିକ୍ଷାଦିଏ ।

ମଣିଷର ହୃଦୟ ପ୍ରେମର ହୃଦୟ । ଯେତେବେଳେ ମାନବର ପ୍ରାଣସିନ୍ଧୁରେ ସୃଷ୍ଟିହୁଏ ସେବାର କଲ୍ଲୋଳ, ସେତେବେଳେ ମାନବର ହୃଦୟ ହୋଇଯାଏ ପ୍ରସାରିତ । ବିଶ୍ୱପ୍ରେମର ମନ୍ତ୍ରରେ ସେ ହୋଇଯାଏ ଅଭିମନ୍ତ୍ରିତ । ଭୁଲିଯାଏ ନିଜ ଜୀବନର ମାୟା ଓ ମମତା । ଦୀନ, ଦୁଃଖୀ, ରଙ୍କୀ, ଦଳିତ ନିଷ୍ପେସିତ ଆର୍ତ୍ତଚିତ୍କାର ତା'ର ବ୍ୟଥାବିଦ୍ଧ ପ୍ରାଣରେ ସୃଷ୍ଟିକରେ ସେବାର କଲ୍ଲୋଳ । ମାନବ ହେଉଛି ଭଗବାନଙ୍କର ଅମୂଲ୍ୟ ସୃଷ୍ଟି । ପ୍ରକୃତିକୁ ଉପଭୋଗ କରିବାକୁ ସ୍ରଷ୍ଟା ସୃଷ୍ଟି କଲେ ମାନବ । ମାତ୍ର ନିଜର ସୁଖ ସୁବିଧା ନିମିତ୍ତ ମାନବ ପ୍ରକୃତିକୁ ଧ୍ୱସ୍ତବିଧ୍ୱସ୍ତ କଲା । ପ୍ରକୃତି ଏବେ ବିନାଶର ଦ୍ୱାରରେ । ଏହି ମାନବ ଓ ପ୍ରକୃତିର ରକ୍ଷା ନିମିତ୍ତ ଆମର ସଂସ୍ଥା ସଂକଳ୍ପ ବଦ୍ଧ ।

ଅନନ୍ତ ସମୟର ଉତ୍ଥାନ ପତନ ସହ ଜଡିତ ଆମ ପତ୍ରିକା 'ପ୍ରାଚୀ' ର ଦ୍ୱିତୀୟ ବର୍ଷର ନବମ ଅର୍ଘ୍ୟ ପ୍ରକାଶ ପାଇବାକୁ ଯାଉଛି । ପ୍ରାଚୀର ଅର୍ଥ ପୂର୍ବଦିଗ । ପୂର୍ବଦିଗର ଉଦିତ ସୂର୍ଯ୍ୟ ପରି 'ପ୍ରାଚୀ' ଓଡ଼ିଆ ଭାଷା ସାହିତ୍ୟ ଆକାଶରେ ସୂର୍ଯ୍ୟ ରୂପେ ପ୍ରତିଭାତ ହେଉ ଏହାହିଁ ଆଶା ।

ନିଜର ବଳିଷ୍ଠ ଲେଖନୀ ମାଧ୍ୟମରେ ଓଡ଼ିଶାର ବାଣୀଭଣ୍ଡାର ବୀଣାକୁ ଝଂକୃତ କରିଥିବା କିଛି ସ୍ରଷ୍ଟାଙ୍କ ବୁଦ୍ଧିମନ୍ତ ସୃଷ୍ଟିକୁ ନେଇ 'ପ୍ରାଚୀ'ର ଜନ୍ମ, ବାଗ୍ ଭୂଷଣରେ ଭୂଷିତ ଏହି ଶବ୍ଦ ସମ୍ରାଟମାନେ ଏକ ନୂତନ ଯୁଗର ଆହ୍ୱାନରେ ଶଙ୍ଖ ଶଙ୍ଖର ଧ୍ୱନି ନାଦ କରିଛନ୍ତି ।

ସମଗ୍ର ଓଡ଼ିଶାବାସୀ ଭାଇ ଓ ଭଉଣୀମାନଙ୍କର ଶୁଭେଚ୍ଛା ଓ ଶୁଭକାମନାକୁ ନେଇ 'ପ୍ରାଚୀ' ସାରା ଓଡ଼ିଶାରେ ପାଠକୀୟ ଆଦୃତି ଲାଭକରିବ ବୋଲି ଆଶା ।

ସଂପାଦକ

ବାସ୍ତବତାର ପରିପ୍ରକାଶ

ପ୍ରାଚୀ

ସମ୍ପାଦକ :
ଡ. ବିଭୂତକି ଖଣ୍ଡାଳରାୟ

# 'ପ୍ରାଚୀ'ର କଲମ

ପ୍ରାଚୀର ଗୋଟିଏ ଜିଦ୍ ଆମେ ମାଙ୍କଡ଼ମାନଙ୍କୁ ପାଠ ପଢ଼ାଇବା । ମୁଁ ସବୁବେଳେ ତା ଜିଦ୍ ଆଗରେ ହାର ମାନେ । ସେ ଭୁଲ କହିଲେ ବି ମୁଁ ତାକୁ ମୁଣ୍ଡପାତି ଶୁଣେ ଏବଂ ତା ବିଷୟରେ ବହୁତ ଭାବେ । କାରଣ ତା' ପ୍ରତି ବିଶ୍ୱାସ ଏବଂ ଭଲପାଇବା ଏତେ ଥାଏ ଯେ, ମୁଁ ସବୁବେଳେ ତାଭୁଲ୍‌ରୁ ଠିକ୍‌କୁ ଖୋଜି ବୁଲେ । ସେମିତି ଏହି ମାଙ୍କଡ଼ କଥା ମୁଁ ଭାବି ଭାବି ବହୁଦିନ ବିତିଗଲା । ମନକଥା ମନରେ ରହିଲା । ମନକୁ ପୁଣି ଆସିଲା, ଯଦି ମାଙ୍କଡ଼ମାନଙ୍କୁ ପଢ଼ାଇପାରିବା ନାହିଁ, ଆମେ କ'ଣ ମାଙ୍କଡ଼ ପାଇଁ କଥା କହିପାରିବା ନାହିଁ ? ତେଣୁ ପ୍ରାଚୀର କଥାରୁ 'ପ୍ରାଚୀ' ର ସୃଷ୍ଟି ହେଲା । ଏହି ପତ୍ରିକାଟି କଥା କହିପାରୁନଥିବା ମାନବ ଓ ମାନବେତର ମାନଙ୍କ ପାଇଁ ଏକ ଆଶର କିରଣ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ । ବାସ୍ତବତାକୁ ଗଳ୍ପ ଆକାରରେ ପରିପ୍ରକାଶ କରିବା ଆମର ମୂଳ ଲକ୍ଷ୍ୟ । ଗୋଟିଏ ବାସ୍ତବ ଚରିତ୍ରର ହୃଦୟ ଆବେଗକୁ ନେଇ ସମାଜରେ ସଚେତନତା ସୃଷ୍ଟି କରି ସମାଜକୁ ସୁସ୍ଥ, ସବଳ କରିବାର ଲକ୍ଷ୍ୟନେଇ ପ୍ରାଚୀ ଆଗେଇ ଚାଲିଛି । ଏହି ପତ୍ରିକାର ପ୍ରଥମ ସୃଷ୍ଟିରେ ୧୨ଟି ଚରିତ୍ରର ହୃଦୟୋଚ୍ଛାସ ଦିଆଯାଇଛି ।

- ମୁଁ ଗାଁ ମୁଣ୍ଡ ବୁଢ଼ା ବରଗଛ କହୁଛି । ମୁଁ ଜନ୍ମରୁ ମଣିଷର ସେବାରେ ଅଛି । କିନ୍ତୁ ଆଜି ମନୁଷ୍ୟ ତା'ର ସୁବିଧା ପାଇଁ ମୋ ବାର୍ଦ୍ଧକ୍ୟରେ ମୋ ସାଙ୍ଗରେ ନରହି, ମତେ କାଟି ତାର ଗର୍ବକୁ ଚରିତାର୍ଥ କରୁଛି । ........
- ମୁଁ ଲତାଟିଏ ହେଲେ ବି, ମୋ ପତ୍ରରେ ଥିବା ଗୁଣରେ ଅନେକ ଉପକୃତ ହୋଇଥାନ୍ତି ଏବଂ ମୋ ଫଳକୁ ଖାଦ୍ୟ ରୂପେ ବ୍ୟବହାର କରାଯାଏ କିନ୍ତୁ ଆଜି ମୁଁ ଅବହେଳିତ କାରଣ, ମତେ ବଞ୍ଚି ରହିବା ପାଇଁ .........
- ମୁଁ ମହାନଦୀ, ମୋ ବକ୍ଷରେ ଅନେକ ପରିମାଣରେ ଜଳ ଅଛି । ସୃଷ୍ଟିର ଆରମ୍ଭରେ ଜଳର ଆବଶ୍ୟକତା ରହି ଆସିଛି । ମୋ ଜଳରେ ସଂସାରର ଆରମ୍ଭ ହେଇଥାଏ କିନ୍ତୁ ସେ ଜଳକୁ ବିଷାକ୍ତ କରି .........
- ମୁଁ ମଳୟ ପବନ କହୁଛି । ସକାଳୁ ସକାଳୁ ମୋର ପ୍ରବାହରେ ପୃଥିବୀ ଉପରେ ଶାନ୍ତି ପ୍ରତିଷ୍ଠା ହେଇଥାଏ । କିନ୍ତୁ ପ୍ରଦୂଷଣ ଆଜି ମତେ ..........
- ମୁଁ ବୁଢ଼ା ବଳଦ କହୁଛି, ଆମ ପରିବାରର ପୀଢ଼ି ପରେ ପୀଢ଼ି ମଣିଷ ସେବାରେ ଲାଗିଥାନ୍ତି । ମୋ ପରି ଅନେକ ଜୀବଜନ୍ତୁ ଏହି ଦୁନିଆରେ ଅଛନ୍ତି । ସେମାନେ ପ୍ରକୃତିରେ ସ୍ଥିରତା ରକ୍ଷା କରିଥାନ୍ତି କିନ୍ତୁ ଦିନକୁ ଦିନ ବହୁତ ଜୀବ ପ୍ରାୟ ବିଲୁପ୍ତ, ବୁଝି ପାରେନା.......
- ମୁଁ ଗୋଟିଏ ଟିକି ଚଢ଼େଇ, ସକାଳୁ, ସକାଳୁ ମୋ ଚେଁ ଚେଁ ଶବ୍ଦରେ ପ୍ରକୃତି ମାତା ଆଖି ଖୋଲିଥାଏ । ଆଜି ପରିବେଶ ପ୍ରଦୂଷଣ ପାଇଁ ଆମ ଜାତିର ଅନେକ ପକ୍ଷୀ ପ୍ରାୟ ବିଲୁପ୍ତ, ଏଥିପାଇଁ ଦାୟୀ କିଏ ? ମୋ ଛୋଟ ମୁଣ୍ଡରେ ଏହାର କଳ୍ପନା କରିପାରେନା ...... ....
- ମୁଁ ମନି ପୋଇଲି । ମୁଁ ଗୋଟିଏ ମଣିଷ, ମୋର ଗୋଟିଏ ନାଁ ଅଛି କିନ୍ତୁ, ମୋ ନାଁ ପରେ ମୋ ସାଙ୍ଗିଆ ପୋଇଲି ଡକା ହୁଏ । ପେଟ ପାଇଁ କାମକରେ କିନ୍ତୁ ବୁଝି ପାରେନା, ଏତେ କାମ କରିସାରିଲା ପରେ ମଧ ମୋ ଉପରେ ଅତ୍ୟାଚାର ହୁଏ କାହିଁକି ...........
- ମୋ ନାମ ମକରା ପାଗଳ । 'ପାଗଳ' ଶବ୍ଦଟି ମୋର ପିତୃଦତ୍ତ ନୁହେଁ, ସମାଜ ମତେ କାହିଁକି କେଜାଣି ଏହି ପାଗଳ ଶବ୍ଦଟି ଲଦି ଦେଇ ମତେ ଅଣନିଃଶ୍ୱାସୀ କରିଦେଉଛି । ମୁଁ ଜାଣେନା .........
- ମୁଁ ଛୋଟା ହେଲେ ମଧ ମୁଁ ତ ମୋର ସବୁକାମ ଠିକ୍ ଠିକ୍ କରୁଛି । ତା ହେଲେ, ମତେ ସମାଜର ଗୋଡଥିବା ଲୋକମାନେ କାହିଁକି ନ୍ୟୁନ ଦୃଷ୍ଟିରେ ଦେଖନ୍ତି, ଏହାର କାରଣ କ'ଣ ହୋଇ ........
- ବିଧାତାର ବିଧାନ ସାମୀ ଚାଲିଗଲା, ମୁଁ ବିଧବା ହେଲି, ଏଥିପାଇଁ ମୁଁ ହେଲି ଦାୟୀ, ସମାଜରେ ମୁଁ ଡାହାଣୀ, ଘରେ ବାହାରେ ଖାଲି ଛି, ଛି, ଆଉ କେତେ ଦିନ ........
- ମୁଁ ପରା ଚୁଇଁ, ଆମ ବାବୁଘରେ ସମସ୍ତଙ୍କର ଆପଣାର, ଟିକେ ଭୁଲ୍ କଲେ , କଥା ବଡ ହୁଏ । ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ପଚାରନ୍ତି ଏବଂ କୈଫତ୍ ମାଗନ୍ତି, ଟିକେ ଭୁଲ ପାଇଁ ଏତେ କଥା ........
- ମୁଁ ଦିନହୀନ ଗୋବିନ୍ଦ, ମୋର ଦାଣ୍ଡରୁ ଆଣିଲେ ହାଣ୍ଡିରେ ପଡେ । ମାଗିବା ବ୍ୟତୀତ ମୋର ଅନ୍ୟଉପାୟ ନାହିଁ । ଘରେ ପୁଣି ରୋଗିଣା ମା', ଅନ୍ୟଲୋକଙ୍କର ବଳକା ଖାଇ ଖାଇ ମୋ ପେଟ ଚାଖଣ୍ଡଟା ପୂରଣ କରିଥାଏ । ସେଥିପାଇଁ ମତେ ସମସ୍ତେ ହାଁଉଆ ବୋଲି ଡାକି ଥାନ୍ତି । ଭାରି ଇଛା ହୁଏ ପେଟଭରି ଖିରି, ଆରିଶା ଖାଇବା ପାଇଁ ଅପେକ୍ଷାରେ ସମୟକୁ, ସମୟ ଆସିବ ......

ବାସ୍ତବତାର ପରିପ୍ରକାଶ
ପ୍ରାଚୀ
Vol.-2, December 2016, Issue No. IX
RNI No. : ODIODI/2015/64435
P.R. No. : CK(C)/96/2016-2018

ପ୍ରାଚୀ ପରିବାର :
ଉପଦେଷ୍ଟା :
କୃଷ୍ଣ ପ୍ରସାଦ ଦାସ
ସମ୍ପାଦକ :
ଡ. ବିଭୂଦତ୍ତ ଖଣ୍ଡାୟତରାୟ
ସମ୍ପାଦନା ସହଯୋଗୀ :
ପ୍ରାଚୀ ପ୍ରଯୁକ୍ତା
ସହ ସମ୍ପାଦକ :
ଡ. ନିରୋଦ କୁମାର ମନ୍ତ୍ରୀ
ବନଲତା ସିଂହ
ପରିଚାଳନା ସମ୍ପାଦିକା :
ପ୍ରଜ୍ଞା ପରିମିତା
ଉପସ୍ଥାପନା :
ମମତା ଖଣ୍ଡାୟତରାୟ
ଡିଟିପି :
ମନୋଜ କୁମାର ଦାସ
ପ୍ରଚ୍ଛଦ ଓ ଅକ୍ଷରସଜ୍ଜା :
ବିଷ୍ଣୁପ୍ରସାଦ ନାୟକ
ମୋ: ୮୯୦୮୫୫୪୯୫୬
ଅଳଙ୍କରଣ :
ବିଜୟ କୁମାର ସାହୁ
ବିଜ୍ଞାପନ ଅଧିକାରୀ :
ରାମଚନ୍ଦ୍ର ବିଶ୍ୱାଳ
ବିତରଣ ଅଧିକାରୀ :
ପ୍ରଦୀପ୍ତ କୁମାର ପାଢ଼ୀ
ମୁଦ୍ରଣ :
ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍
ନୂଆବଜାର, କଟକ - ୪

ପ୍ରାଚୀ ସାହିତ୍ୟ ସମାଜ
ସଭାପତି :
ଡ. ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ
କାର୍ଯ୍ୟକାରୀ ସମ୍ପାଦିକା:
ଡକ୍ଟର ବିଦ୍ୟୁତ୍ ପ୍ରଭା ମିଶ୍ର

ପ୍ରାଚୀ ସାହିତ୍ୟ ସମାଜର ସଭ୍ୟ ହେବା ପାଇଁ
www.pracheevoice.in ରେ
ଲଗ୍‌ଇନ୍ କରନ୍ତୁ ।

Declaration
Edited, Published & Owned by :
Dr. Bibhudatta Khandayatray

Niladri Vihar, Cuttack - 4
E-mail :
pracheepatrika@rediffmail.com
Web Site :
www.pracheevoice.in

## ଏଇ ସଂଖ୍ୟାରେ...

❑ ଅନାଥ ବାଳକ
ଅଶ୍ୱିନୀ କୁମାର ସେଠୀ ୭

❑ ଗୁଣରେ ଲକ୍ଷହୀରା
ବନଲତା ସିଂହ ୧୧

❑ ଠକାମିର ଫଳ
ନିତ୍ୟାନନ୍ଦ ତ୍ରିପାଠୀ ୧୫

❑ ଶାମୁକା ପେଟର ମୁକ୍ତା
ପ୍ରଫୁଲ୍ଲ କୁମାର ସାହୁ ୧୯

❑ ଏମ୍. ଏ. - କଣ୍ଡକ୍ଟର
ଡକ୍ଟର ରାମଚନ୍ଦ୍ର ଷଡଙ୍ଗୀ ୨୩

❑ ସମୟ
ସଫଳା ଦାସ ୨୬

# ପ୍ରାଚୀର ନିୟମାବଳୀ

- **"ପ୍ରାଚୀ"** ଏକ ମାସିକ ଗଳ୍ପ ପତ୍ରିକା । ଏହି ପତ୍ରିକାରେ ବାସ୍ତବ ଚରିତ୍ରକୁ ନେଇ ଗଳ୍ପ ମାଧ୍ୟମରେ ପରିପ୍ରକାଶ କରାଯାଇଥାଏ । ସମାଜର ଦଳିତ ଓ ଅବହେଳିତମାନଙ୍କ ପାଇଁ ସ୍ୱର ଉଠେଇବା ଏହି ପତ୍ରିକାଟିର ଲକ୍ଷ୍ୟ ।
- ଏହି ପତ୍ରିକାଟିରେ କେବଳ ମାତ୍ର ଗଳ୍ପ ପ୍ରକାଶ କରାଯାଇଥାଏ ।
- ପ୍ରାଚୀ ନୂତନ ଲେଖକ ଲେଖିକାମାନଙ୍କୁ ଅଗ୍ରାଧୀକାର ଦେଇଥାଏ । ଲେଖାରେ ଯଦି ସମାଜ ପ୍ରତି କୌଣସି ବାର୍ତ୍ତା ଥାଏ ତାହା ଏଥିରେ ପ୍ରକାଶ ପାଇବ ।
- ଲେଖକଲେଖିକାମାନେ 'ପ୍ରାଚୀ'ରେ ପ୍ରକାଶ ପାଇଁ ସେମାନଙ୍କ ହାତଲେଖା ବା କମ୍ପ୍ୟୁଟର ପ୍ରସ୍ତୁତ ପାଣ୍ଡୁଲିପି ପଠାଇବେ । ଲେଖାଟି କୌଣସି ଆକ୍ଷେପ ମୂଳକ ଏବଂ ଉଦ୍ଦେଶ୍ୟ ପ୍ରଣୋଦିତ ନହେବା ଆବଶ୍ୟକ । ଲେଖାଟି ପ୍ରକାଶ କରିବା ସମ୍ପାଦନା ମଣ୍ଡଳୀ ଉପରେ ନିର୍ଭର କରିଥାଏ । ଲେଖାଟି ପ୍ରକାଶ ପାଇବା ପରେ ଡାକ ଯୋଗେ ଲେଖକ ଲେଖିକାଙ୍କୁ ଜଣାଇ ଦିଆଯିବ ।
- ପ୍ରାଚୀକୁ ପଠାଇଥିବା ଲେଖାଗୁଡିକୁ ଫେରାଇବାର କୌଣସି ସୁବିଧା ନାହିଁ । ତେଣୁ ଲେଖକ ଲେଖିକାମାନେ ନିଜର ପାଖରେ ନିଜ ପାଣ୍ଡୁଲିପିର ନକଲଟିଏ ରଖିବା ଆବଶ୍ୟକ ।
- ଲେଖକ ଲେଖିକାମାନେ ନିଜ ଲେଖା ସହ ଗୋଟିଏ ରଙ୍ଗିନ୍ ପାସ୍‌ପୋର୍ଟ ଫଟୋ ପଠାଇବାକୁ ଅନୁରୋଧ ଏବଂ ଏକମାସ ପୂର୍ବରୁ ଲେଖାଟି ପହଞ୍ଚିବା ଜରୁରୀ ।
- ଏହି ପତ୍ରିକାଟି ସମାଜର ନିଷ୍ପେଷିତ ଚରିତ୍ରମାନଙ୍କର କାହାଣୀକୁ ନେଇ ଗଢ଼ିଉଠୁଥିବାରୁ ଆପଣଙ୍କ ଲେଖାଟି ସେମାନଙ୍କ ପାଇଁ ଉତ୍ସର୍ଗୀକୃତ କରାନ୍ତୁ ।
- କୌଣସି ଲେଖା ସମ୍ପର୍କରେ ଅନୁସନ୍ଧାନ ଡାକ ଯୋଗେ ଯୋଗାଯୋଗ କରାଯିବ । ପ୍ରାଚୀ ପାଇଁ ପଠାଉଥିବା ଲେଖା ଗୁଡିକ ଏଇ ଠିକଣାରେ ପଠାଇବେ, ସମ୍ପାଦକ, ପ୍ରାଚୀ, ନିଳାଦ୍ରୀ ବିହାର, ନୂଆବଜାର, କଟକ, ଓଡ଼ିଶା, ପିନ୍ - ୭୫୩୦୦୪ କିମ୍ବା ପାଠକପାଠିକା ମାନେ pracheepatrika@rediffmail.com **ଯୋଗେ ସମ୍ପର୍କ ସ୍ଥାପନ କରିପାରିବେ ।**

---

**ଆପଣ "ପ୍ରାଚୀ" ପତ୍ରିକାର ବାର୍ଷିକ ଗ୍ରାହକ ହେବାକୁ ଚାହୁଁଛନ୍ତି !!!**

**ଏହାକୁ କାଟି ଆମ୍ଭ ନିକଟକୁ ପଠାନ୍ତୁ**

ଶ୍ରୀମତୀ/ଶ୍ରୀ ..........................................................................................................

ଜିଲ୍ଲା.................................................................. ପିନ୍‌କୋର୍ଡ଼ ...............................

ମୋବାଇଲ୍ ନମ୍ବର ........................................... ଇ-ମେଲ୍ ..............................................

**ଏଥିସହିତ ମୁଁ ୨୫୦ଟଙ୍କା ପଠାଉଛି । (ମନିଅର୍ଡର)**

---


**ବାସ୍ତବତାର ପରିପ୍ରକାଶ "ପ୍ରାଚୀ"**

ନିଳାଦ୍ରୀ ବିହାର, ନୂଆ ବଜାର, କଟକ-୪, ମୋବାଇଲ୍ ନଂ : ୯୧୨୪୮୮୭୬୦୫, ୯୫୮୩୩୯୦୭୭୬

E-mail : pracheepatrika@rediffmail.com, Web. : www.pracheevoice.com

# ଅନାଥ ବାଳକ

- ଅଶ୍ୱିନୀ କୁମାର ସେଠୀ

ମନେପଡ଼େ ସେଦିନ କଥା, ମଇଳା ଛିଣ୍ଡା ପ୍ୟାଣ୍ଟ ଖଣ୍ଡେ ପିନ୍ଧିଥିବା ନଅଦଶ ବର୍ଷର ବାଳକଥିଲା । କିଛି କାମ ସନ୍ଧାନରେ ବୁଲିବୁଲି ପହଞ୍ଚିଥିଲା ଉର୍ମିଳାଙ୍କ ଘରେ ଓ ଦେଖୁ ଦେଖୁ ସିଧା କହିଥିଲା ମା', ମୋ ନାମ ସୋମନାଥ, ମୋର କିଛି କାମ ଦରକାର । ସୋମନାଥ ଚେହେରା ଦେଖି ଉର୍ମିଳା ଆଶ୍ଚର୍ଯ୍ୟ ହେଲେ, କହିଲେ ତୁ କି କାମ କରିବୁରେ ? ସେ କହିଲା ଘର ସଫା, ବାସନମଜା, ଜପଡ଼ା ଧୁଆ ସବୁ କାମ ଯାହା କହିବେ କରିବି । କିନ୍ତୁ ଉର୍ମିଳା କହିଲେ ଆରେ ଏ ସବୁ କାମପାଇଁ ତ ଆମ ଚାକରାଣୀ ଛବି ଅଛି । ତାହାଶୁଣି ଉଦାସ ହୋଇଗଲା ସୋମନାଥ । ସୋମନାଥର ମୁହଁକୁ ଚାହିଁ ମର୍ମାହତ ହୋଇଗଲେ ଉର୍ମିଳା, ନରମ କଣ୍ଠରେ କହିଲେ ଆରେ ଏତେ ନିର୍ଦ୍ଦୟ ତୋ ବାପ, ମା' ଏତେ ଛୋଟବେଳୁ ତୋତେ ପରଘରେ ଖଟିବାକୁ ପଠେଇ ଦେଲେ । ସୋମନାଥର ଚେହେରା ମଳିନ ପଡ଼ିଗଲା, ଧୀର କଣ୍ଠରେ କହିଲା ମା' ପନ୍ଦର ଦିନ ତଳେ ହୋଇଥିବା ବାତ୍ୟା, ବନ୍ୟାରେ ଆମ ଗାଁ ଧ୍ୱଂସ ହୋଇ ଧୋଇହୋଇଗଲା ଓ ମୋ ବାପା-ମା', ଭଉଣୀ ସମସ୍ତେ ସୁନାମି ଝଡ଼ରେ ଭାସିଗଲେ । ମୁଁ କିନ୍ତୁ ବଞ୍ଚିଯାଇଛି, ତିନି ଦିନ ହେବ କିଛି ଖାଇନି ମା' । ସୋମନାଥ ଆଖିରେ ଆଖିଏ ଲୁହ । କଇଁକଇଁ କାନ୍ଦ ଦେଖି ଉର୍ମିଳାଙ୍କ ଆଖିରେ ଲୁହ ଆସିଗଲା । ସହାନୁଭୂତି ପୂର୍ବକ କହିଲେ ଭିତରକୁ ଆ, ଆମେ ଗଣ୍ଡେ ଖାଇନେ । ନା ମୁଁ ଖାଇବି ନାହିଁ । ମୁଁ ଜାଣେ ତୁ ସ୍ୱାଭିମାନୀ କିଛି କାମ କରିଲେ ତୁ ଖାଇବୁ । ସୋମନାଥର ସଙ୍କୋଚବୋଧ ଦେଖି ଉର୍ମିଳା କହିଲେ - ତୁ ମୋତେ ମା'ବୋଲି ଡାକିଛୁନା, ମା'ର କଥା ମାନିବା ପୁଅର କର୍ତ୍ତବ୍ୟ । ହଠାତ୍ ସୋମନାଥର ଚେହେରାରେ ଅସ୍ୱାଭାବିକ ପରିବର୍ତ୍ତନ ଦେଖାଗଲା ସେ ଘର ଭିତରକୁ ଆସିଲା । ଉର୍ମିଳା ସିଲେଇ କାମ କରୁଥିବାରୁ ଗୋଟିଏ ନୂଆ ପ୍ୟାଣ୍ଟ ସୋମନାଥକୁ ଦେଇ ଗାଧୁଆଘରେ ଗାଧୋଇ ଆସିବାକୁ କହିଲେ ।

ଗାଧୋଇବା ପରେ ଆହୁରି ସୁନ୍ଦର ଦେଖାଗଲା ସୋମନାଥ । ଏଥର ସେ ମନ ଖୁସିରେ ଖାଇଲା । କ୍ଷୁଧାର୍ତ୍ତ ଥିବାରୁ ଖାଇସାରି ଶୋଇପଡ଼ିଲା । ତାର ସୁନ୍ଦର ଚେହେରା ଦେଖି ଉର୍ମିଳାଙ୍କ ମନରେ ମାତୃ ସ୍ନେହ ଜାଗ୍ରତ ହେଲା କାରଣ ତାଙ୍କର କୌଣସି ପିଲାଛୁଆ ନଥିଲା ତେଣୁ ସେ ମନେମନେ ସୋମନାଥକୁ ପୁଅଭାବରେ ଗ୍ରହଣ କରିବା ପାଇଁ ସ୍ଥିର କରିଥିଲେ । ସନ୍ଧ୍ୟାରେ ଉଦୟ ବାବୁ ଅଫିସରୁ ଫେରିବାପରେ ଉର୍ମିଳା ସୋମନାଥ ବିଷୟରେ ସବୁକଥା କହିଲେ । ଆଉମଧ ନିଜର ପିଲାଛୁଆ ନଥିବାରୁ ସୋମନାଥକୁ ପୁଅ ଭାବରେ ଗ୍ରହଣ କରିନେବାକୁ ପ୍ରସ୍ତାବ ରଖିଲେ । କିନ୍ତୁ ଉଦୟ ବାବୁ ତାହା ଗ୍ରହଣ ନକରି ଯୁକ୍ତିବାଢ଼ିଲେ ଯେ ଆମେ ସନ୍ତାନ ସୁଖରୁ ବଞ୍ଚିତ ବୋଲି ଯେ କୌଣସି ଅଜଣା ପିଲାକୁ କୋଳେଇ ନେବା ଆଦୌ ଉଚିତ୍ ନୁହେଁ । କିନ୍ତୁ ଉର୍ମିଳାଙ୍କ ଆଖିରେ ଲୁହ ଓ ଗଭୀର ବାତ୍ସଲ୍ୟ ପ୍ରେମ ପାଖରେ ଶେଷକୁ ଉଦୟ ହାର ମାନିଥିଲେ ଓ ତାଙ୍କ କଥାରେ ରାଜିହୋଇ ସୋମନାଥକୁ ପୁଅ ଭାବରେ ଗ୍ରହଣ କରିଥିଲେ ।

ସମୟାନୁସାରେ ସୋମନାଥ ଠାରୁ ତାର ଅତୀତର କଥାଶୁଣିବା ପରେ ସେ ଚତୁର୍ଥ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ିଥିବାରୁ ପଞ୍ଚମ ଶ୍ରେଣୀରେ ସ୍କୁଲ୍‌ରେ ନାମ ଲେଖାଇ ସବୁପ୍ରକାର ବ୍ୟବସ୍ଥା କରାଇଦେଲେ ଉର୍ମିଳା ଦେବୀ । ଶ୍ରଦ୍ଧାରେ ତା'ର ନାମ ସୋମ ବୋଲି ସମ୍ବୋଧନ କରି ଡାକିଲେ । ସୋମ ମଧ ଉର୍ମିଳା ଦେବୀଙ୍କୁ ମା' ଓ ଉଦୟ ବାବୁଙ୍କୁ ବାପା ବୋଲି ଡାକିବାକୁ ଲାଗିଲା । କିନ୍ତୁ ସୋମ ପ୍ରତି ଉଦୟ ବାବୁଙ୍କର ଥିଲା ଘୃଣା ଓ ଅବିଶ୍ୱାସର ଭାବ । ସୋମ ଉଦୟ ବାବୁଙ୍କର ନିକଟତର ହେବାକୁ ଚାହୁଁଥିଲେ ହେଁ ସେ ତାକୁ ସୁଯୋଗ ଦେଉନଥିଲେ । ଉର୍ମିଳା ଦେବୀ ଏ କଥା ଭଲଭାବରେ

ଜାଣିଲେ ବି ନିଜେ ସୋମ ପ୍ରତି ଟିକେ ବି ଅବହେଳା କରୁ ନଥିଲେ । ସେ ନିଜକୁ ନିଜେ ସାନ୍ତ୍ୱନା ଦେଉଥିଲେ, ଯେ ଦିନେନା ଦିନେ ଉଦୟ ବାବୁ ବୁଝିଯିବେ ଓ ସୋମକୁ ସ୍ନେହ ଆଦରରେ କୋଳେଇ ନେବେ ।

ଠିକ୍ ଦଶମାସ ପରେ ଏକ ଅସ୍ୱାଭାବିକ ଘଟଣା ଘଟିଲା ସୋମନାଥ ଚରିତ୍ର ଉପରେ, ତାହାଥିଲା ଆଲମିରାରୁ ଉର୍ମିଳାଙ୍କର ସୁନାହାର ଚୋରି । ଉର୍ମିଳା ତଟସ୍ଥ ହୋଇଥିଲେ, ଛବିର କହିବା ଅନୁଯାୟୀ ସୋମ ଗତକାଲି ରାତିରେ ଆଲମାରି ପାଖରେ ଠିଆ ହୋଇ କ'ଣ ଖୋଜୁଥିଲା । ଏହା ହିଁ ଥିଲା ସନ୍ଦେହର ଶେଷ । ଏଣୁ ରାଗରେ ଉଦୟ ଜର୍ଜରିତ ହୋଇ ସୋମନାଥକୁ ମନ ଇଚ୍ଛା ପିଟିଥିଲେ । ସୋମ କିନ୍ତୁ କାନ୍ଦିକାନ୍ଦି କହୁଥିଲା - ମା' ମୁଁ ଚୋରି କରିନି କି ଦେଖିନାହିଁ । ମୁଁ ଚୋର ନୁହେଁ, ମୁଁ ସେହି ଅନାଥ ବାଳକ । ତୁମର ସ୍ନେହ ଶ୍ରଦ୍ଧାରେ ପୁଅଭଳି ବାନ୍ଧି ହୋଇଛି । ନିଜ ପୁଅ କ'ଣ ତାର ମା'ର ହାର ଚୋରି କରେନା ମା'ର ମାତୃତ୍ୱର ସ୍ନେହକୁ ଅବିଶ୍ୱାସ କରି ଧୋକା ଦେଇପାରେ । ସୋମ ହାରଚୋରି କରି ନଥିବ ବୋଲି ଉର୍ମିଳା ନିଃସନ୍ଦେହ ଥିଲେ । ସୋମର ରକ୍ତାକ୍ତ ଦେହ ଦେଖି କ୍ଷତ ବିକ୍ଷତ ହୋଇଯାଉଥିଲା ତାଙ୍କର ମନ, ପ୍ରାଣ ଓ ହୃଦୟ । କଇଁ କଇଁ ହୋଇ ସୋମ କହୁଥିଲା "ତମେତ ମୋତେ ଚୋର ଭାବୁନ ମା' ? ନା' - ସୋମର ସର୍ବାଙ୍ଗରେ ମମତାର ହାତ ବୁଲାଇ ଆଣି ଅଜସ୍ର ଆଶ୍ୱାସନା ଦେଇ ନିଜର ପଣତ କାନିରେ ତାର ମୁହଁକୁ ପୋଛି କୋଳାଗ୍ରତ କରିଥିଲେ ଉର୍ମିଳା ଦେବୀ । ସେ ଦିନ ରାତିରେ ଉଦୟ ଓ ଉର୍ମିଳାଙ୍କ ମଧ୍ୟରେ ସୋମକୁ ନେଇ ଖୁବ୍ ଝଗଡ଼ା ହୋଇଥିଲା । ଘରେ ରୋଷେଇ ହୋଇ ନଥିଲା ଓ ଉପବାସ ରହିଥିଲେ ସମସ୍ତେ ।

ସୋମନାଥ ବାପା-ମା'ଙ୍କର ଝଗଡ଼ା ଦେଖି ସହିନପାରି ମନରେ କ'ଣ ବିଚାରକୁ ଆଣି ତା ପାଇଁ ସେମାନଙ୍କ ମନ ମଧ୍ୟରେ ଚିରଦିନ ପାଇଁ ସନ୍ଦେହରେ ଉପୁଜିଥିବା ଅବିଶ୍ୱାସର ଚରିତ୍ରକୁ ଭାବି ରାତିରେ ଘରଛାଡ଼ି ପଳାଇଲା । ପରଦିନ ସକାଳେ ସୋମନାଥ ଘରେ ନଥିବା ଜାଣି, ଉଦୟ ସୋମନାଥ ଚୋର ବୋଲି ନିଃସନ୍ଦେହ ହୋଇଗଲେ ଓ ଉର୍ମିଳାଙ୍କ ସରଳ ବିଶ୍ୱାସ ତଥା ମମତାର ସୁଯୋଗରେ ବେଶ୍ ଫାଇଦା ଉଠାଇଲା ବୋଲି ଉଦୟ ବାରମ୍ବାର ଉର୍ମିଳାଙ୍କୁ ଦୋହରାଇଲେ । ଘଟଣା ସମୟ ଓ ପରିବେଶକୁ ନେଇ ଉର୍ମିଳା ଚୁପ୍ ରହିବାକୁ ବାଧ୍ୟ ହେଲେ ।

ଘଟଣାର ପ୍ରାୟ ଦୁଇମାସ ପରେ ଚୌକିଦାର ପାଖରୁ ଖବର ପାଇ ଉଦୟ ଥାନାରେ ନିଜର ଚୋରି ଯାଇଥିବା ସୁନାହାର ଚିହ୍ନି ପାରିଲେ ଓ ଥାନା ଅଧିକାରୀଙ୍କ କହିବାନୁସାରେ ଉଦୟ ଚୋରି ହୋଇଥିବା ସୁନାହାର ବିଷୟରେ ସନ୍ଦେହ ଉପୁଜିଥିବା ସୋମନାଥ ଓ ଘରେ କାମ କରୁଥିବା ଚାକରାଣୀ ଛବି ଉପରେ ପୋଲିସ ଆଗରେ ବୟାନ ରଖିଥିଲେ । ସେହିଦିନ ଠାରୁ ପୋଲିସ ତୀକ୍ଷଣ୍ ନଜର ରଖି ଆସୁଥିଲା । ଯେତେବେଳେ ଛବି ଚୋରି କରିଥିବା ସୁନାହାରଟି ବଜାରକୁ ନେଇ ଗହଣା ଦୋକାନରେ ବିକ୍ରି କରୁଥିଲା, ସେହିସମୟରେ ଦୋକାନୀର ସନ୍ଦେହ ଘେରରେ ଛବି ପଡ଼ିଯାଇଥିଲା ଓ ଦୋକାନୀର ଖବର ପାଇ ଥାନା ଅଧିକାରୀ ଛବିକୁ ଥାନାକୁ ଆଣି ସମସ୍ତ ଘଟଣା ଶୁଣି ନଜର ବନ୍ଦୀ ରଖିଥିଲେ । ଉଦୟ ବାବୁଙ୍କୁ ଚୌକିଦାର ଦ୍ୱାରା ଖବର ଜଣାଇ ଥିଲେ । ଉଦୟ ବାବୁ ଥାନା ହେପାଜତରେ ଥିବା ଛବିକୁ ଦେଖି କ୍ରୋଧାନ୍ୱିତ ହୋଇଥିଲେ । ଘରକୁ ଫେରି ସ୍ତ୍ରୀ ଉର୍ମିଳାଙ୍କୁ ସମସ୍ତ ବିଷୟ ଶୁଣାଇ ଚୋରି ହୋଇଥିବା ସୁନାହାରକୁ ଯତ୍ନର ସହିତ ରଖିବା ପାଇଁ କହିଲେ । କିନ୍ତୁ ଦୁହେଁ ନିର୍ଦ୍ଦୋଷ ସୋମନାଥଙ୍କ ପ୍ରତି ସନ୍ଦେହ ମନାହୋଇ ତା ପ୍ରତି ଯେଉଁ ଘୃଣା ଓ ଗାଳି ଗୁଲଜ ସହ ମାଡ଼ମାରିଥିଲେ ତାହା ପଶ୍ଚାତାପ କରିଥିଲେ । ନିର୍ଦ୍ଦୋଷ ସୋମନାଥ ପାଇଁ ଭାଙ୍ଗିପଡିଲେ ଉର୍ମିଳାଙ୍କ ମନ ମଧ୍ୟରେ ମାତୃସ୍ନେହର ଯେଉଁ ବିଶ୍ୱାସ ତୁଟି ଯାଇଥିଲା ତାହା ପୁନର୍ବାର ଜାଗ୍ରତ ହେଲା ଓ ବାରମ୍ବାର ସେ ଉଦୟଙ୍କୁ ତା ବିଷୟରେ ଜାଣିବା ପାଇଁ ଅନୁରୋଧ କରାଉଥିଲେ । ଉଦୟ ଖବର କାଗଜରେ ବିଜ୍ଞାପନ, ଫଟୋ ସହ ଫେରି ଆସିବା ପାଇଁ ଛପାଇଥିଲେ । ବେତାର ଓ ଦୂରଦର୍ଶନ ମାଧ୍ୟମରେ ମଧ୍ୟ ଅନେକ ଚେଷ୍ଟା କରିଥିଲେ ହେଁ ସୋମନାଥର କୌଣସି ସନ୍ଧାନ ମିଳିପାରିନଥିଲା । ଦୁହେଁ ଦୁହିଁଙ୍କୁ ଦୋଷୀ

ସାବ୍ୟସ୍ତ କରି ଅସହାୟ ମଣୁଥିଲେ । ସମୟ ଗଡ଼ି ଚାଲିଥାଏ, ବର୍ଷ ବର୍ଷ ବିତିଗଲା ହଠାତ୍ ଦିନେ କବାଟରେ ଖଟ୍ ଖଟ୍ ଶବ୍ଦ ଶୁଣାଗଲା । ଉର୍ମିଳା କବାଟ ଖୋଲିଲେ, ଦେଖିଲେ ହାତରେ ସୁଟ୍‌କେସ୍ ଧରି ଜଣେ ସୁନ୍ଦର ଯୁବକ ସାମନାରେ ଛିଡା ହୋଇଥିଲା । ଅବିଳମ୍ବେ ଉର୍ମିଳାଙ୍କ ପାଦଛୁଇଁ ପ୍ରଣାମ କରି ହସିହସି କହିଲା ମା' ମୋତେ ଚିହ୍ନି ପାରୁଛ ମା' ? ଆଶ୍ଚର୍ଯ୍ୟ ହୋଇଗଲେ ଉର୍ମିଳା! ସେ କିଛି ମନେପକାଇବା ଆଗରୁ ଯୁବକଟି ଚଟ୍‌କିନା କହିଲା ମା', ମୁଁ ସେହି ଅନାଥ ବାଳକ ସୋମନାଥ । ମନେପଡୁନି ଯାହାକୁ ନିଜେ ଅନେକ ବର୍ଷତଳେ ନିଜ ମମତା ଡୋରିରେ ବାନ୍ଧି ଆଶ୍ରୟ ଦେଇଥିଲ । ଏଥର ଧୀରେ ଧୀରେ ଉର୍ମିଳାଙ୍କ ସ୍ମୃତିରେ ସେହି ଚପଳମତି ବାଳକର ଚେହରା ଝଲସି ଉଠିଲା । ଯିଏ କହୁଥିଲା "ମୋତେ ତମେ ଚୋର ବୋଲି ଭାବୁନ ତ ମା" ?

ଆଜି ଦୀର୍ଘ ୨୦ବର୍ଷ ପରେ ସେହି ବାଳକ ସୋମ ପୁଣି ଥରେ ଏଇଘରକୁ ଫେରିବ ଓ ତାକୁ ମା' ବୋଲି ଡାକିବ, ଏକଥା ଉର୍ମିଳା ଆଦୌ ଭାବି ପାରିନଥିଲା । କ'ଣ ଭାବୁଛ ମା' ହଠାତ୍ ଭାବନା ରାଜ୍ୟରୁ ଫେରି ଆସିଲେ ଉର୍ମିଳା । ନିଜର ପଣତ କାନିରେ ତାର ମୁହଁକୁ ପୋଛିଦେଇ କାନ୍ଦକାନ୍ଦ ହୋଇ ସ୍ୱାମୀ ଉଦୟଙ୍କୁ ଜୋରରେ ଡାକ ପକାଇଲେ, କହିଲେ କେଉଁଠି ଅଛ ? ଶୀଘ୍ର ଆସ ! ଦେଖିଲ କିଏ ଆସିଛି, ମା' ବୋଲି ଡାକୁଛି, କହି କଇଁ କଇଁ ହୋଇ କାନ୍ଦି ପକାଇଲେ । ଉଦୟ ଘର ଭିତରୁ ଜବାବ ଦେଇ ପହଞ୍ଚି ଦେଖିସାରି ମଧ୍ୟ ବିଶ୍ୱାସ କରି ପାରିଲେ ନି । ଯେତେବେଳେ ସୋମନାଥ ଭୂମିଷ୍ଠ ପ୍ରଣାମ କରି ବାପା ବୋଲି ଡାକି କୋଳାଗ୍ରତ ହେଲା ଓ ମୃଦୁହସି ସେ ଦିନର ଯେଉଁ ମାଡ଼ ମାରି ଚୋର ବୋଲି କହି, ମା'ଙ୍କ ସହିତ ଝଗଡ଼ା କରି ଥିଲେ ମନେ ପକାଇ ଦେଲା । କିଛିକ୍ଷଣ ଉଦୟ ଚୁପ୍ ରହିଗଲେ ଓ ଆଖିରେ ଆଖିଏ ଆନନ୍ଦାଶ୍ରୁ ବହି ଆସିଲା ଓ ଗଦ୍‌ଗଦ୍ ହୋଇ କହି ପକାଇଲେ "ତୁ-ତୁ କୁଆଡେ କଳାଇ ଗଲୁରେ ସୋମ, ତତେ ଆମେ ବହୁତ ଖୋଜିଛୁ, ଖବର କାଗଜରେ ବିଜ୍ଞାପନ ଛାପିଛି, ବେତାର




# R. S. TUTORIALS

SURYALOKA LANE, CHAND CHHAK, CUTTACK

*Admission Open !* *Admission Open !*

**A Complete Coaching for**

**+2 Arts & Commerce**
**+3 Arts (Hons, Elective, Pass)**

**Special Coaching for : Spoken English**
**And also M. A. Entrance, (Pol. Science)**

— Contact : 9861462581, 9861816123 —

ଦୂରଦର୍ଶନରେ ମାଧ୍ୟମରେ ମଧ୍ୟ ଖବର ଦେଇଛି କିନ୍ତୁ ।

ମୁଁ ଖବର କାଗଜ ପଢ଼ିଛି, ଦୂରଦର୍ଶନ ମାଧ୍ୟମରେ ଦେଖିଛି ଓ ଶୁଣିଛି ମା'ତୁମର ସେହି ଅନ୍ତରଫଟା ଡାକରାକୁ । କିନ୍ତୁ କ'ଣ କରିବି ମା' ! ମୋ ପ୍ରତି ଥିବା ସନ୍ଦେହର ଜାଲରେ ଫସି ଯାଇଥିଲି । ମୁଁ ଚାହୁଁନଥିଲି ମୋ ଭଳି ଅନାଥ ଶିଶୁ ପାଇଁ ମୋ ବାପା ଓ ମା' ମଧ୍ୟରେ ଝଗଡ଼ା ଲାଗୁ । ମୋ ମା' ଗାଳି ନଶୁଣୁ । ତେଣୁ ଶପଥ ନେଲି କିଛି ଗୋଟେ ଭଲ କାମ କରିବା ପରେ ତମ ପାଖକୁ ଫେରି ଆସିବି । ଏଠାରୁ ଯାଇ କଠିନ ପରିଶ୍ରମ କରିଛି । ଦୋକାନରେ ରହି ଅଇଁଠା ବାସନ ସଫା କରିଛି । ବାବୁମାନଙ୍କ ଘରେ ରହି ଚାକର କାମ କରିଛି, ନିଜର ଉଦ୍ୟମ ଓ ବାବୁମାନଙ୍କ ପ୍ରେରଣା ପାଇଁ ଡାକ୍ତରୀ ପାଠପଢ଼ି ଡିଗ୍ରୀ ମଧ୍ୟ ହାସଲ କରିଛି । ବର୍ତ୍ତମାନ ଏହି ସହରର ହସ୍ପିଟାଲ୍‌ରେ ନିଯୁକ୍ତି ପାଇ ଆସିଛି । ଏ ସବୁ ତମର ପ୍ରେରଣା ଓ ଆର୍ଶୀବାଦ ମା' । ସୋମକୁ କୋଳେଇ ନେଲେ ମା' ଉର୍ମିଳା । ବାପା ଉଦୟ ଆନନ୍ଦାଶ୍ରୁରେ ଭାବ ବିହ୍ୱଳ ହୋଇ ଆଲିଙ୍ଗନ କରିନେଲେ ସୋମନାଥକୁ । କହିଲେ ଆରେ ମୁଁ ସିନା ତତେ ଚିହ୍ନିପାରିନଥିଲି ହେଲେ ତୋ ମା' ଉର୍ମିଳା ଓ ତୋତେ ପୁଅର ଅଧିକାର ଦେଇ ସାରିଛି । ମୁଁ ଅପରାଧୀ, ତୋ ପ୍ରତି ଯେଉଁ ଅନ୍ୟାୟ, ଅବିଚାର ଓ ସନ୍ଦେହ କରିଛି ସେଥିପାଇଁ ନିଜକୁ ଦୋଷୀ ବୋଲି ଭାବୁଛି । କିନ୍ତୁ ସୋମନାଥ କହିଲା, ନା ବାପା ତୁମେ ଯଦି ସେଦିନ ମୋତେ ମାଡ଼ମାରି ନଥାନ୍ତ, କି ମୋ ମା'ସହିତ ଝଗଡ଼ା କରିନଥାନ୍ତ ତାହା ହେଲେ ଆଜି ଏ ଅନାଥ ବାଳକ ଡାକ୍ତର ହୋଇପାରିନଥାନ୍ତା । ତେଣୁ ଯାହା ହୋଇଛି ତାହା ତୁମର ଆର୍ଶୀବାଦ ଓ ପ୍ରେରଣାର ଉତ୍ସ । ବାପ ଓ ପୁଅର ମିଳନ ଦେଖି ଉର୍ମିଳାଙ୍କ ଆଖିରେ ଆନନ୍ଦାଶ୍ରୁ ଭରିଗଲା ।

ସଂଗଠନ ସଂପାଦକ
ଆଦର୍ଶ ପ୍ରତିଭା ବିକାଶ ପରିଷଦ
ଚାଉଳିଆଗଞ୍ଜ, କଟକ-୪
ମୋ -୯୯୩୭୫୪୪୯୬୬

ooooo



# ଗୁଣରେ ଲକ୍ଷହୀରା

ବନଲତା ସିଂହ

ଆଲୋ ସବାଖାଇ, ପୋଡ଼ାମୁହିଁ..... ଅଲକ୍ଷଣୀ କୁଆଡେ ଗଲୁ କି ଲୋ..... ? ଘ ।ଏ ହେଲାଣି ମୁଁ ତୋତେ ଡାକୁଛି । ତୋ କାନ କ'ଣ ଫୁଟିଗଲାଣି ? କର୍କଶ ସ୍ୱରରେ ଅନବରତ ଗାଳିବର୍ଷଣ କରୁଥିଲେ ଯମୁନା ବାଈ । ହିରା ଓରଫ୍ ଝୁମା ଦୁଇଆଣ୍ଠୁ ସନ୍ଧିରେ ମୁଣ୍ଡକୁ ଗୁଞ୍ଜି ଧାନ ଉଷୁଆଁ ହାଣ୍ଡି ପରି ମୁହଁ କରି ବସିଥିଲା । ପୁଣି ଶୁଭିଲା.... ହଇଲୋ ଛତରଖାଇ.... ତୋତେ ପରା କହୁଛି ଶ୍ରୀଘ୍ର ମୁଣ୍ଡ କୁଣ୍ଡାଇ ବେଶ ହେବାକୁ । ତୋତେ କ'ଣ ଶୁଭୁନି ?

ଝୁମା ପାଟି ଖୋଲିଲା..... ନାଇଁ ମୁଁ ମୁଣ୍ଡ କୁଣ୍ଡାଇବି ନାହିଁ । ପୁଣି ଗର୍ଜି ଉଠିଲା ଯମୁନା ବାଈ.... କ'ଣ କହିଲୁ... ? ମୋ ମୁହଁ ଉପରେ ଜବାବ ଦେଲୁ... ? ହଇଲୋ.... ଅଲାଜି ପଇଡ଼ । ଭାସିଯାଉଥିଲୁ ମଝି ନଈରେ....ଧରି ଆଣିଥିଲି ତୋତେ.... ଟାକୁଆ ଗାଲରେ ମାଉଁସ ଲାଗିଲା ଜବାବ ଦେଉଛୁ ମୋତେ ? ହଇଲୋ..... ଏତିକି ଟିକିଏ ହୋଇଥିଲୁ, ରାମ୍ପାକଡ଼ରୁ ଗୋଟାଇ ଆଣି ମୋ ପେଟରୁ କାଟି ତୋତେ ଖୋଇପେଇ ଏଡୁଟେ କଲି. ଏଣିକି ମୋ ଭୋକିଲା ପେଟକୁ ତୁ ଖାଦ୍ୟ ଦେବୁନି ? ଆଜି ତୋତେ ପିଟିପିଟି ମାରିଦେବି । ମୋ କଥା ମାନ.... ନ ହେଲେ...

କାହାର ହାତ ସ୍ପର୍ଶରେ ଝୁମା ମୁଣ୍ଡ ଟେକି ଚାହିଁଲା । ଲୀଳା ତା ମୁଣ୍ଡ ଆଉଁସି କଅଁଳିଆ ସ୍ୱରରେ କହିଲା - ହୀରାଲୋ, ତୁ ଅବୁଝା ହୁଅନା । ଆମର କିଏ ଅଛି ? ଏଠାରେ ଆମ କଥା ଶୁଣିବ ? .... ଚାଲ୍.... ମୋ ସୁନା ପରା । ଆ..... ମୁଁ ତୋତେ ବେଶ କରିଦେବି । ତୁ କିଛି ଭାବେ ନା.... ଠାକୁରଙ୍କୁ ଡାକେ ସେ ନିଶ୍ଚୟ ଶୁଣିବେ । ହୀରା ଆଖିରେ ଆଖିଏ ରଙ୍ଗୀନ ସ୍ୱପ୍ନ । କିନ୍ତୁ କ'ଣ କରିବ ? ପିଞ୍ଜରାବଦ୍ଧ ଶୁକ ପକ୍ଷୀ ପରି ଛଟପଟ ହେଉଛି ଯମୁନା ବାଈର କୋଠରୀରେ ।

ରାତି ନଅଟା । ସୁନ୍ଦର ବେଶରେ ସଜାଇ ଦେଲା ଲୀଳା ହୀରା ବହୁତ ସିନ୍ଦୁର ଦିଶୁଛି । ଅଙ୍ଗେ ଅଙ୍ଗେ ତା'ର ଭରପୂର ଯୌବନ । ଋଷି ମନଭୁଲା ଚେହେରା । କଅଁଳ ଛନ ଛନ ମୁହଁରେ ଲାସ୍ୟଭରା ଚାହାଣୀ । ଲୀଳା ମନ ଦୁଃଖରେ ଚାହିଁ ରହିଥିଲା ହୀରାର ମୁହଁକୁ । ସରଳ ନିଷ୍ପାପ ଝିଅଟି ଆଜି ଛାରଖାର ହୋଇଯିବ, ନିଶାଚର ରୂପ ଲୋଭୀ ପିଶାଚରଙ୍କ ପାଖରେ । ହୀରା ଅଜାଣତରେ ଆଖି ପୋଛି, ଟିକେ କଳା ଆଣି ହୀରା ଗାଲ ତଳେ ଲଗାଇ ଦେଲା । କାଳେ କାହାର ନଜର ଲାଗିଯିବ । ମା' ଭଉଣୀକୁ ଦେଖିନି, ଏଣୁ ହୀରାକୁ ସାନଭଉଣୀ ପରି ସ୍ନେହ କରେ । ହାତ ଧରି ନେଇଗଲା ଗୋଟିଏ ସୁସଜ୍ଜିତ କୋଠରୀକୁ । ପ୍ରଥମେ ହୀରା କିଛି ବୁଝିପାରୁ ନଥିଲା । ଏ ଘରେ ମୁଁ ଏକୁଟିଆ କ'ଣ କରିବି ? ଯଦିଓ ଅନେକ ଲୋକ ଆସନ୍ତି.... ଯାଆନ୍ତି..... ସେଥିମଧ୍ୟରୁ କେତେକେ ଲୋକ ସ୍ନେହରେ ହୀରା ଗାଲକୁ ଚିପି ଦେଇ କହନ୍ତି ସୁନ୍ଦରୀଟିଏ । କିନ୍ତୁ ଲୀଳାଦିଦି ନିଜେ ନ ରହି ମୋତେ ଏକୁଟିଆ କାହିଁକି ଛାଡ଼ିଗଲେ.... ?

କ'ଣ ଶବ୍ଦ ଶୁଣି ଗୋଟିଏ କୋଣରେ ଲୁଚିଗଲା ହୀରା । କବାଟ ଖୋଲି ଜଣେ ମଧ୍ୟବୟସ୍କ ଲୋକ ପ୍ରବେଶ କଲେ ସେ ଘରକୁ । ସଜା ହୋଇଥିବା ନାନାରଙ୍ଗ ବେରଙ୍ଗର ବାସନା ଫୁଲର ଖଟ ଉପରେ ବସି ଚାରିଆଡ଼କୁ କାହାକୁ ଖୋଜିଲା ଦୃଷ୍ଟିରେ ଚାହୁଁଥାଆନ୍ତି । ଛୋଟ ଟେବୁଲ ଉପରେ ମଦ ବୋତଲ ଆଉ ଗିଲାସ ଥୁଆ ହୋଇଛି । ସେ ଭାବିଲେ କୋଠରୀଟି ସୁରା ଆଉ ସାକୀର । ସୁରା ତ ଅଛି, ସାକୀ କାହିଁ ? କିଛି ସମୟ ପରେ ମଦ ବୋତଲୁ ମଦ ଗିଲାସରେ ଢାଳି ପିଇବାକୁ ଯାଆନ୍ତେ... କେହି ଜଣେ ନରମ ହାତରେ ଲୋକଟିର ହାତକୁ ଧରି ପକାଇ କହିଲା.. ମଦ କାହିଁକି ପିଉଛ... ମଉସା ? ଚମକି ପଡ଼ିଲେ ଆଜି ରାତିର

ନାୟକ ବିପ୍ର ଚରଣ ବାବୁ । ମଉସା..... ହୀରା ମୁହଁକୁ ଚାହିଁ ଦେଖିଲେ ବିପ୍ର ଚରଣ ବାବୁ । ଆହା..... କେଡ଼େ ସରଳ, ନିଷ୍କପଟ, ନୀରିହା ଝିଅଟି । ଆଖି ଆଗରେ ତାଙ୍କର ନାଚିଗଲା ଏକ ଅଭୁଲା ମୁହଁଟି । ସେ ଚୁପଚାପ୍ ବସି ଆରମ୍ଭ କଲେ... ତୁ କିଏ... ମା... ? ଏଠି କ'ଣ କରୁଛୁ ?

ଝୁମା କହିଲା, ମଉସା ମୁଁ ହୀରା । ଏ ଯମୁନା ମାଉସୀ ଏହି ନାଁ ଦେଇଛି ମୋର । ପିଲାଟି ଦିନରୁ ମୋ ବାପା ମା' ମରିଯାଇଛନ୍ତି, ହେତୁ ପାଇଲା ବେଳକୁ ମୁଁ ଏଇଠି ଅଛି । ଯମୁନା ମାଉସୀ କହନ୍ତି ସେ କୁଆଡ଼େ ମୋତେ ରାସ୍ତାକଡ଼ରୁ ଗୋଟାଇ ଆଣିଛନ୍ତି । ମଉସା.... ଏ ଯମୁନା ମାଉସୀ ଜମା ଭଲ ଲୋକ ନୁହଁନ୍ତି । ମୋ ପରି ଆଉ ପାଞ୍ଚ ଟି ଝିଅକୁ ରଖିଛନ୍ତି । ସେ ପେଟଭରି ଖାଇବାକୁ ଦିଅନ୍ତି । ପିଠିଭରି କାମ ନିଅନ୍ତି । ଟିକେ ଊଣା ହେଲେ ଆଖିରୁ ଲୁହ ସରିବା ପର୍ଯ୍ୟନ୍ତ ମାଡ଼ ଗାଳିବର୍ଷଣ କରନ୍ତି । ଆମେ ସବୁ ନୀରବରେ ତାଙ୍କ କଥା ସହି ପଡ଼ି ରହିଛୁ । ମଉସା ମୋତେ ଏଠୁ ନେଇଯାଅ । ମୁଁ ତୁମ ଗୋଡ଼ ଧରୁଛି..... କହି ଗୋଡ଼ ଧରି କାନ୍ଦି କାନ୍ଦି ଗଡ଼ିଗଲା ହୀରା ।

ବିପ୍ରଚରଣ ବାବୁ ନୀରବରେ ଥକା ମାରି ବସି ରହିଲେ । ହୀରାର ମୁଣ୍ଡକୁ ଆଉଁସି ଦେଉ ଦେଉ କହିଲେ ମା'ରେ ମୋତେ କ୍ଷମା ଦେଇଦେ । ମୋ ଆଖି ଖୋଲି ଦେଲୁ । ତୋ ଦୁଃଖ ମୁଁ ନିଶ୍ଚୟ ଶୁଣିବି । ଏତିକି କହି ସେ ଚୁପ୍‌ଚାପ୍ କ'ଣ ଭାବିବାକୁ ଲାଗିଲେ, ହୀରା ପଚାରିଲା..... ମଉସା କ'ଣ ଭାବୁଛ ? ବିପ୍ରଚରଣ ବାବୁ ଆଖିରୁ ଲୁହ ପୋଛୁ ପୋଛୁ କହିଲେ.... ମୁଁ ବିପ୍ରଚରଣ ସାହୁ ସମାଜର ଜଣେ ପ୍ରତିଷ୍ଠିତ ବ୍ୟକ୍ତି । ମୋର ଘରଦ୍ୱାର ଗାଡ଼ି ସବୁ ଅଛି.... କିନ୍ତୁ... । "କିନ୍ତୁ... କିନ୍ତୁ.... କ'ଣ ମଉସା ? ବିପ୍ରଚରଣ ବାବୁ କହିଲେ..... ହଁ ରେ ମା'..... ତୋରି ପରି ମୋର ଗୋଟିଏ ଝିଅ ଥିଲା । ତିନିବର୍ଷର ହୋଇଥିଲା, ଆମେ ସ୍ୱାମୀ, ସ୍ତ୍ରୀ-ଝିଅକୁ ଧରି ମେଳା ଦେଖିଯାଇଥିଲୁ । ସେହିଠାରେ ମୋ ଝିଅ କେଉଁଆଡ଼େ ହଜିଗଲା । ବହୁତ ଖୋଜିଲି । ଏବେ ବି ଖୋଜୁଛି, କିନ୍ତୁ ପାଇଲିନି, ମୋ ସ୍ତ୍ରୀ ଝିଅକୁ ଝୁରି ଝୁରି ସେ ବି ମୋତେ ଛାଡ଼ି ଚାଲିଗଲା । ଆଉ ମୋର ସବୁ ଥାଇ ଭିକାରୀ ହୋଇଗଲି । ଦୁଃଖରେ ଭାଙ୍ଗି ପଡ଼ି ବିପଥଗାମୀ ହୋଇଗଲି । ନିଃସଙ୍ଗ, ନିଃସହାୟ ବିପ୍ରଚରଣ ଆଜ ବାଈ କୋଠିର ଦ୍ୱାରସ୍ଥ ହୋଇ ଦିନ କଟାଉଛି ।

ଛାଡ଼.... ତୁ ଏଇଠି ତଳେ ଚାଦର ବିଛାଇ ଶୋଇଯା । ସକାଳ ହେଲେ ମୁଁ ଚାଲିଯିବି । ରାତିର ଘଟଣା ତୁ କାହାକୁ କିଛି କହିବୁନି । ମୁଁ କିଛି ବ୍ୟବସ୍ଥା କରି ପୁଣି ତୋତେ ଭେଟିବି । ତାଙ୍କ କଥା ମାନି ହୀରା ବାଧ କୁନି ଝଅଟି ପରି ଶୋଇପଡ଼ିଲା । ଛଟପଟ ହେଉଥିଲେ, ବିପ୍ରଚରଣ ବାବୁ ଭାବୁଥିଲେ ତାଙ୍କ ଝିଅ ରୁମା କଥା ସେ ଥିଲେ ଏହି ହୀରା ବୟସର ହୋଇଥାଆନ୍ତା.... ରାତି ପାହିଲା କ୍ଲାନ୍ତ ପ୍ରେମିକ ପରି ଅଭିନୟ କରି ରୂପଜୀବୀ ଯମୁନା ବାଈକୁ ତା'ର ପ୍ରାପ୍ୟ ଦାନ କରି ଫେରିଗଲେ ବିଶିଷ୍ଟ ସମାଜସେବୀ ବିପ୍ରଚରଣ ବାବୁ ।

କିଛିଦିନ ପରେ..... କୋର୍ଟରୁ ଅର୍ଡର ଆଣି ପୋଲିସ୍ ସହାୟତାରେ....ଯମୁନା ବାଈର କୋଠିକୁ ଘେରାଉ କରି ଛ'ଟି ଝଅକୁ ଉଦ୍ଧାର କରି ଯମୁନା ବାଈକୁ ହାଜତକୁ ପଠାଇ ଦେଲେ । ବିପ୍ରଚରଣ ବାବୁ ଝିଅମାନଙ୍କୁ କାୟ-ମନ-ବାକ୍ୟରେ ସୁସ୍ଥ କରାଇ ତାଙ୍କୁ ବିଦ୍ୟା ଶିକ୍ଷା ସହ ବିଭିନ୍ନ ବୈଷୟିକ ଶିକ୍ଷା ଦେଇ ତାଲିମ ପ୍ରାପ୍ତ କରାଇଲେ । କିଛିଦିନ ପରେ ନିଜେ ଗୋଟିଏ ବୈଷୟିକ ଅନୁଷ୍ଠାନ ଖୋଲି ଛ'ଟି ଝିଅକୁ କର୍ମଜୀବି କରିବାରେ ସଫଳ ହେଲେ । ନିଜେ ମୁଖ୍ୟ ହୋଇ ହୀରାକୁ ସବୁ ଦାୟିତ୍ୱ ଦେଲେ । ଅତି ଆନନ୍ଦ ଉତ୍ସାହରେ ଝିଅମାନେ ନିଜେ ଶିଖି ଅନ୍ୟକୁ ଶିକ୍ଷା ଦେବାରେ ଯୋଗ ତା ହାସଲ କଲେ । ଅତି ଆନନ୍ଦରେ ଝିଅ ଛ'ଟି ଜୀବନଯାପନ କଲେ । ଦିନେ ହୀରା, ମଉସା ବିପ୍ରଚରଣ ବାବୁଙ୍କୁ ଖାଇବାକୁ ଦେଇ ପାଖରେ ବସିଥିଲା ବେଳେ କହିଲା.... ମଉସା ଯମୁନା ମାଉସୀ କ'ଣ ସାରାଜୀବନ କାରାଦଣ୍ଡ ପାଇବେ ? ତାଙ୍କୁ କ'ଣ କ୍ଷମା ମିଳିବନି ?

ଆଶ୍ଚର୍ଯ୍ୟ ହେଲେ ବିପ୍ରଚରଣ ବାବୁ ।... ହୀରା... ତୁ ଏପରି କହୁଛୁ ? ଯିଏ ତୋତେ ଏତେ ନିର୍ଯ୍ୟାତନା ଦେଇଛି, ଯିଏ ତୋତେ ଘୃଣ୍ୟ ପଥକୁ ଠେଲି ଦେବାକୁ ବସିଥିଲା... ତୁ.... ପୁଣି ? ହୀରା କହିଲା.... ମଉସା.... ସେ ଯାହାବି ହୁଅନ୍ତୁ ପ୍ରଥମେ ସେ ଜଣେ ନାରୀ । ସେ ନିଶ୍ଚୟ କିଛି ଅସୁବିଧା ପରିସ୍ଥିତିର ସମ୍ମୁଖୀନ ହୋଇ ଏପରି ବିପଥଗାମୀ ହୋଇଛନ୍ତି । ବଣ ପୋଡ଼ିଗଲେ ସମସ୍ତେ ଜାଣନ୍ତି.... କିନ୍ତୁ ମନ କି ପେଟ ପୋଡ଼ିଗଲେ କିଏ ଜାଣିବ ? ତା'ପରେ ଆମର ସେ ଅନ୍ନଦାତ୍ରୀ । ମା'ପରି ଲାଳନପାଳନ କରିଛନ୍ତି । ଯାହା ଫଳରେ ଆମେ ଆଜି ନୂତନ ଦୁନିଆରେ ପହଞ୍ଚି ସାରିଛୁ । ଏଣୁ ସେ ଯେଉଁ ଅପରାଧ କରିଥିଲେ ତା'ର ଦଣ୍ଡ ସେ ଦଶବର୍ଷ ହେବ ପାଇ ସାରିଲେଣି । ତାଙ୍କୁ କ୍ଷମା କରିଦିଅନ୍ତୁ ମଉସା । ଆପଣ ଚାହିଁଲେ -ସେ ବନ୍ଦୀ ଜୀବନରୁ ମୁକ୍ତି ପାଇବେ ।

ବିପ୍ରଚରଣ ବାବୁ ହୀରାର କଥାକୁ ହୃଦୟଙ୍ଗମ କରିପାରିଲେ । ଆଉ ତା'କଥାକୁ ସମ୍ମାନ ଦେଇ ଜାମିନିରେ ଯମୁନା ବାଈକୁ ମୁକ୍ତ କରି ସେ ଆଶ୍ରମକୁ ନେଇ ଆସିଲେ । ଯମୁନା ହୀରାକୁ ଜାବୁଡ଼ି ଧରି କାନ୍ଦିବାକୁ ଲାଗିଲା ।... କହିଲେ... ମା'ଲୋ ମଁ ତୋତେ ରାସ୍ତାକଡ଼ରୁ ଆଣି ତୋ ରୂପ ଦେଖି ତୋ ନାଁ ଦେଇଥିଲି ହୀରା ।.... କାହିଁକି ଜାଣିଛୁ.... ? କାହିଁକି ନା ତୁ ବଡ଼ ହେଲେ ଲକ୍ଷହୀରା ହୋଇ ମୋର ଧର ଯଶ ଐଶ୍ୱର୍ଯ୍ୟ ସୁବ ବଢ଼ାଇବୁ । କିନ୍ତୁ ତୁ ରୂପରେ ଲକ୍ଷହୀରା ନ ହୋଇ ଗୁଣରେ ଲକ୍ଷହୀରା ହୋଇଗଲୁ । ମୋ ଆଖି ଖୋଲି ଦେଲୁ । ଭଗବାନ ତୋତେ କୋଟି ଆୟୁଷ ଦିଅନ୍ତୁ । ଏଣିକି ମୋତେ ବିଦାୟ ଦେ । ମୁଁ ମୋର ପାପର ପ୍ରାୟଶ୍ଚିତ କରିବି । ହୀରାର ହାତକୁ ବିପ୍ରଚରଣ ବାବୁଙ୍କୁ ଧରାଇ ବିଦାୟ ନେଲା ବେଳକୁ ହୀରା ଯମୁନା ବାଈର ହାତ ଧରି ଛାତିକୁ ଟାଣି ଆଣି ଜାବୁଡ଼ି ଧରିଲା ।

ମାଉସୀ.... ତୁମେ ମୋର ମାଆ । ପିଲାମାନେ 'କୁ' ହୋଇପାରନ୍ତି । କିନ୍ତୁ ମାଆ କେବେ 'କୁ' ମାତା ହେବନି । ସେ ସବୁବେଳେ ନମସ୍ୟା । ତୁମେ ଛଅଟା ଝିଅ ସୃଷ୍ଟି କରିଛ । ଆଜିଠୁ ଏ ହୀରା କୁଟୀରରେ ତୁମେ ସୁନା, ରୂପା, ହୀରା, ଲୀଳା, ମୋତି, ମାଣିକ ସବୁ ପାଇବ । ଆମେ ସବୁ ତୁମକୁ ପୂଜା କରିବୁ । ବିପ୍ରଚରଣ ବାବୁ ଦୂରରୁ ଆଖି ପୋଛୁଥିଲେ ।

ଗଣ୍ଡରପୁର, କଟକ -୩

୦୦୦୦



EMERALD
EDUCATION

+2 Science
+3 Science
(Hons & Pass)



Hostel For Boys & Girls

SURYALOKA LANE, CHANDI CHHAK, CUTTACK
DIAL : 9337894203, 8280320966

# ଠକାମିର ଫଳ

**ନିତ୍ୟାନନ୍ଦ ତ୍ରିପାଠୀ**

ବିଂଶ ଶତାବ୍ଦୀର ସପ୍ତମ ଦଶକ କଥା । ଶାସନ ଗାଆଁର ପିତୃହରା ଚିନ୍ତାରାମଙ୍କୁ ୫୦ବର୍ଷ ଛୁଇଁଲାଣି । କୃଷି ଶ୍ରମିକଟିଏ ସେ, ନିଜର ମାତ୍ର ୪୦ ଡେସିମିଲ୍ ଚାଷ ଜମି । ବୃଦ୍ଧାବସ୍ଥା ରୋଷେଇବାସ ଆଦି ଘରର ଯାବତୀୟ କାର୍ଯ୍ୟ ସମାପନ କରିବାକୁ ଅସମର୍ଥା ହୋଇ ଗଲେଣି । ତାଙ୍କର ବଧୂଟିଏ ଦରକାର । ଚିନ୍ତାରାମଙ୍କୁ ବିବାହ କରିବାକୁ ଝିଅଟିଏ ମିଳିବା କଷ୍ଟକର ହୋଇପଡେ । ସେ ସମୟରେ ସ୍ଥଳ ବିଶେଷରେ ଆମ ସମାଜରେ କନ୍ୟା ସୁନା ପ୍ରଥା ପ୍ରଚଳିତ ଥାଏ । ବରପକ୍ଷ ଯୌତୁକ ରୂପେ କିଛି ଅର୍ଥ ଦେଇ ଅଭାବୀ ପରିବାରର ବିବାହ ଯୋଗ୍ୟ କନ୍ୟା ଗ୍ରହଣ କରିବାକୁ କନ୍ୟା ସୁନା କୁହାଯାଏ । ସେହି ଗାଆଁର ସୁନାମଧନ୍ୟ ପଣ୍ଡିତ ନୀଳମଣିକୁ ୪୦ ଡେସିମିଲି ଜମି ବିକ୍ରି କରି ଲବ୍ଧ ଅର୍ଥରେ ଚିନ୍ତାରାମ କନ୍ୟାସୁନା ଦେଇ ବିବାହ କରନ୍ତି । ଝିଅଟିର ନାମ ସାରସୀ ଓ ତାର ବୟସ ପ୍ରାୟ ୨୨ବର୍ଷ । ୫୦ବର୍ଷର ଦରବୁଢ଼ା ବରକୁ ୨୨ବର୍ଷର ଯୁବତୀ କନ୍ୟା ବିବାହ-କିଛି ଖଳ ଲୋକଙ୍କର ହଜମ ହୁଏ ନାହିଁ, ଯେପରି । ଗାଆଁର କିଛି ପରଶ୍ରୀରି ଦେଖି ସହିପାରୁ ନଥିବା ମଣିଷ ନାକରେ କାଠି ପୂରାଇ ଛିଙ୍କନ୍ତି । ଥଟ୍ଟା ପରିହାସ କରନ୍ତି । ନୀରବରେ ମଥା ପୋତି ସବୁ ସହି ଯାଆନ୍ତି ଚିନ୍ତରାମ । ସମୟ କାହାକୁ ଅପେକ୍ଷା କରେ ନାହିଁ । ସବୁଦିନ ବି, ସମାନ ଯାଏ ନାହିଁ, ପ୍ରତ୍ୟହ ସେ ମୂଲ ମଜୁରୀ ଲାଗି ଯାହା ରୋଜଗାର କରନ୍ତି ସୁଖେ, ଦୁଃଖେ ତହିଁରେ ପରିବାର ଚଳିଯାଏ । କାଳକ୍ରମେ ନିଧିରାମ ଓ ବୁଦ୍ଧିରାମ ନାମରେ ୨ ପୁଅ ତଥା ମାଳବିକା ନାମରେ ଝିଅଟିଏ ସାରସୀଙ୍କ କୋଳ ମଣ୍ଡନ କରନ୍ତି । ଚିନ୍ତାରାମ ପିତାର ସମ୍ମାନ ପାଇଲା ବେଳକୁ ବୁଢ଼ାମାତା ଆରପୁରକୁ ଚାଲି ଯାଆନ୍ତି । ପିଲାମାନେ ଧୀରେ ଧୀରେ ବଢ଼ିବାକୁ ଲାଗନ୍ତି । ପରିବାରର ପେଟ ବଢ଼େ । ଖାଦ୍ୟ, ପୋଷାକ ଆଦିର ଅଭାବ ପରିଲକ୍ଷିତ ହୁଏ । ମୌଳିକ ଆବଶ୍ୟକତା ଗୁଡ଼ିକ ପୂରଣ ହୋଇପାରେ ନାହିଁ । ସେତେବେଳକୁ ସରକାରଙ୍କ ତରଫରୁ ଜମି ଜମାର ବନ୍ଦୋବସ୍ତ କାମ ଚାଲିଥାଏ, ଚିନ୍ତାରାମ ଭାରି ଚାଲାଖ ଲୋକ । ସ୍ଥାନୀୟ ବନ୍ଦୋବସ୍ତ ଅଧିକାରୀଙ୍କୁ କାକୁତି ମିନତି ହୋଇ, ପେଟମୁଣ୍ଡ ଦେଖାଇ, ଫୁସୁଲା ଫୁସଲି କରି, ଅଳ୍ପ କିଛି ହାତଗୁଞ୍ଜା ଦେଇ କୌଶଳକ୍ରମେ କିଛି ଅନାବଦୀ ଜମିକୁ ନିଜ ନାମରେ ଖତିୟାନ ଭୁକ୍ତ କରି ନିଅନ୍ତି । ସମୟକ୍ରମେ ବାର୍ଦ୍ଧକ୍ୟ ଆସି ଯିବାରୁ ସେ ଆଉ ପୂର୍ବ ପରି ଖଟି ପାରନ୍ତି ନାହିଁ । ତାଙ୍କୁ ମଜୁରୀ ଲଗାଇବାକୁ କେହି ବି, ଆଗ୍ରହ ପ୍ରକାଶ କରନ୍ତି ନାହିଁ । ସେ ନିଜ ନାମରେ ପଟ୍ଟା କରିଥିବା ଜମି ତଥା ଆଉ କିଛି ଜମି ଭାଗ ଆଣି ନିଜେ ଚାଷ କରନ୍ତି । ଦିନକୁ ଦିନ ପରିବାରର ଭରଣ ପୋଷଣ ଚାପବଢ଼ିବାକୁ ଲାଗେ । ସେଥିପାଇଁ ବଡ଼ପୁଅ ନିଧିରାମ ପାଠପଢ଼ା ଅଧାରୁ ଛାଡ଼ିଦେଇ, ପାଣି ପାଇପ କାମରେ ଶ୍ରମିକ ଭାବେ ଦାଦନ ଖଟିବାକୁ ବେଙ୍ଗଲୁରୁ ଚାଲିଯାଏ । ସେଠାରୁ ପ୍ରତି ମାସରେ ସେ ଘରକୁ ଟଙ୍କା ପଠାଏ । ପରିବାର ଖୁସିରେ ଚଳନ୍ତି । ନିଧିରାମ କାମରେ ବହୁ ଲୋକ ସନ୍ତୁଷ୍ଟ ହୁଅନ୍ତି । ଦିନକୁ ଦିନ ପାଣି ପାଇପ କାମରେ ତାର ଅଭିଜ୍ଞତା ବଢ଼େ । ସେ ଜଣେ କୁଶଳୀ ପାଣି ପାଇପ କାରିଗର ଭାବେ ପରିଚିତ ହୁଏ । ସେହି ଅନୁସାରେ ତାର ପାରିଶ୍ରମିକ ମଧ୍ୟ ବୃଦ୍ଧିପାଏ । ପରିବାରରେ ଅର୍ଥ ନୈତିକ ପ୍ରଗତି ଆସେ । ଚିନ୍ତାରାମଙ୍କର ଖୁସି କହିଲେ ନ ସରେ । ସାରଣୀର ପାଦ ତଳେ ଲାଗୁ ନଥାଏ ଯେପରି । ପୁଅର ପ୍ରଶଂସାରେ ମାଆ ଶତମୁଖ ହୋଇ ଉଠେ । ନିଧିରାମର ବିବାହ ବୟସ ହୋଇଯାଏ । ବିନା କନ୍ୟା ସୁନା ଅଥବା ବିନା ଜାନିଯୌତୁକରେ ପଡୋଶୀ ଗାଆଁର ଏକ ଝିଅ ସହିତ ତାର ନିରାଡମ୍ବର ଭାବରେ ବିବାହ ଉତ୍ସବ ଅନୁଷ୍ଠିତ ହୁଏ । ପୁଅର ବିବାହ କାର୍ଯ୍ୟ ସାରିଦେଇ ବାର୍ଦ୍ଧକ୍ୟ ଜନିତ

ଦୁର୍ବଳତାରୁ ଚିନ୍ତାରାମ ଆଖିବୁଜନ୍ତି । ସାରସୀର ଦାମ୍ପତ୍ୟ ନୀଡ ଭାଙ୍ଗିଯାଏ । ଶଙ୍ଖା ସିନ୍ଦୂର କାଳସ୍ରୋତରେ ଭାସିଯାଏ ଯେପରି । ସେ ବୈଧବ୍ୟର ଏକାକୀ ନିଃସଙ୍ଗ ଜୀବନ ବିତାଇବାକୁ ବାଧ ହୁଏ । ନିଧିରାମ ଏଣିକି ନିଜ ଅଭିଜ୍ଞତା ବଳରେ ପାଣି ପାଇପ କାମର ଠିକାଦାରୀ ହାତୁକ ନିଏ । ଏହି କାମର ସୀମା ସରହଦ ବୃଦ୍ଧି ପାଇବା ସହିତ ପ୍ରଚୁର ଲାଭ ମଧ ମିଳେ । ସେ ଭୁବନେଶ୍ୱରରେ ଜାଗା କିଣେ ତ, ଗାଆଁରେ ଜମି କିଣେ, ଘର କୋଠା କରେ । ଠିକାଦାରୀ କାମରେ ସାହାଯ୍ୟ ସହଯୋଗ କରିବା ପାଇଁ ବୁଦ୍ଧିରାମକୁ ସେ ପାଖକୁ ନେଇଯାଏ । ଦିନ ଗଡ଼ିଚାଲେ, ବୟସ ବଢ଼େ । ବୁଦ୍ଧିରାମ ଯୁବକ ହୁଏ । ବିବାହର ସପ୍ନ ଦେଖେ । ତାର ଅନ୍ତରଙ୍ଗ ବଂଧୁ ଓ ସହପାଠୀ ରୂପେ ପରିଚିତ ଗାଆଁରେ ଡାକ ବାହକର କାମ କରୁଥିବା ପ୍ରଭାତ, କନ୍ୟା ଯୋଗାଡରେ ଲାଗିପଡ଼େ ।

ତ୍ରିପୁର ସୁନ୍ଦରୀ ନାମଧାରୀ ଯୁବତୀ ଝିଅଟିଏ । କେହି ତାକୁ ତ୍ରିପୁରା, ଅନ୍ୟ କେହି ତାକୁ ସୁନ୍ଦରୀ ବୋଲି ସମ୍ବୋଧନ କରନ୍ତି । ଗାଆଁର ଝାଟିମାଟି ଚାଳ ଛପର ଘରେ ସେ ଜନ୍ମ ହୋଇଥିଲା ସିନା, ହେଲେ କିନ୍ତୁ ପିଲାବେଳୁ ସହରରେ ଚାକିରୀ କରୁଥିବା ବଡ଼ଭାଇ ଭାଉଜ ପାଖରେ ବଢ଼ିଛି । ଆଧୁନିକ ସହରର ଚାକଚକ୍ୟରେ ସତେ ଯେପରି ତା ତନୁ ମନ ମିଶି ଯାଇଛି । ସହରୀ ପାଣି ପବନରେ ସେ ପୂର୍ଣ୍ଣ ଉପଯୋଜିତ ହେଇ ସାରିଛି । କଲେଜରେ ପାଠ ପଢୁଥିବା ବେଳେ, ତା ସାଥୀ ସହପାଠୀ ଅମିତ୍‌କୁ ସେ ଭଲ ପାଉଥିଲା । ତା' ସହିତ ମନଖୋଲା କଥା ହେଉଥିଲା । ଦୁହେଁ ମନ ମଉଜରେ ପାର୍କରେ ଘୂରି ବୁଲୁଥିଲେ ତ, ସିନେମା ଦେଖୁଥିଲେ । ଉଭୟ ବିବାହ କରିବାକୁ କଥା ହୋଇଥିଲେ । କିନ୍ତୁ ବିଡ଼ମ୍ବନା ଏହି ଯେ, ଅଧୁନା ଅମିତ୍ ଶିକ୍ଷକତା କରୁଛି । କେତେ ଦରମା ପାଉଛି ଯେ, ତ୍ରିପୁର ସୁନ୍ଦରୀ ପରି ଅତ୍ୟାଧୁନିକ ଝିଅକୁ ସେ ସୁଖୀ ରଖି ପାରିବ ? ସେଥିପାଇଁ ବୋଧହୁଏ ସୁନ୍ଦରୀ ଅମିତ୍ ଠାରୁ ମୁହଁ ଫେରାଇ ନେଇଛି । ତା କଥା ଶୁଣିଲେ ଚିଡି ଉଠୁଛି । ଝିଅର ବିବାହ ବୟସ ଗଡିଯାଉଥିବାରୁ ଗାଆଁରେ ଥିବା ବାପା ମାଆ ଝିଅକୁ ହାତକୁ ଦି ହାତ କରିଦେବା ପାଇଁ ତରତର ହେଉଛନ୍ତି । ଏହି ସମୟରେ ପ୍ରଭାତ ତାଙ୍କ ପାଖରେ ବୁଦ୍ଧିରାମର ବିବାହ ପ୍ରସ୍ତାବ ରଖେ । ପୁଅଟି କମ୍ପ୍ୟୁଟର ଇଞ୍ଜିନିୟର, ବେଙ୍ଗଲୁରୁରେ ଏକ ଆଇଟି କମ୍ପାନୀରେ ମାସିକ ୩୩୦୦୦ ଟଙ୍କା ଦରମାରେ ଚାକିରି କରୁଛି । ଭୁବନେଶ୍ୱରରେ ଜାଗା, ଗାଆଁରେ ଜମିଜମା ଓ କୋଠା ଘର ରହିଅଛି ବୋଲି ସଫେଇଦିଏ । ପୁଅ ଚାକିରି ଏକ ନକଲି ପ୍ରମାଣ ପତ୍ର ଓ ଫଟୋଟିଏ ତ୍ରିପୁରା ପିତାଙ୍କ ହାତକୁ ବଢ଼ାଇଦିଏ । ବାପମାଆ ଉତ୍ସାହିତ ହୋଇ ଫୋନ୍ ଦ୍ୱାରା ବଡ଼ ପୁଅ ସହିତ ଯୋଗାଯୋଗ କରନ୍ତି । ଏପରି ସୁଯୋଗ ହାତଛଡ଼ା କରିବାର ନୁହେଁ ଭାବି ତ୍ରିପୁର ସୁନ୍ଦରୀ ଖୁସିରେ ରାଜିହୋଇଯାଏ । ୨ ଲକ୍ଷ ଟଙ୍କା ବାଟ ଖର୍ଚ୍ଚ, ଝିଅ ଜ୍ୱାଇଁଙ୍କୁ ସୁନା ଅଳଙ୍କାର, ସହିତ ଷ୍ଟୋର ୱେଲ୍, ଫ୍ରିଜ୍, ଏଲସିଡି, ଓ୍ୟାସିଂମେସିନ୍, ସୋଫାସେଟ୍, ଖଟ ଆଦି ଜାନି ଯୌତୁକ ଦେବାପାଇଁ କନ୍ୟାପକ୍ଷ ରାଜି ହେବାରୁ, ନିର୍ବନ୍ଧ ପରେ ବିବାହ ଉତ୍ସବ ଧୁମ୍‌ଧାମ୍‌ରେ ପାଳିତ ହୁଏ । ତ୍ରିପୁରା ବଧୂବେଶ ସାଜି ପହିଲି ବାର ଜୀବନ ସାଥି ସହିତ ଗାଡିରେ ବସି ଶାଶୂଘରକୁ ଆସେ । ତା ମନରେ କେତେ ଆଶା, ଆଶଙ୍କା ଉଙ୍କିମାରେ । କେତେ ସୁନେଲୀ ସପନ ଜାଗେ । ଅତ୍ୟାଧୁନିକ ବେଙ୍ଗଲୁର ସହରରେ ସ୍ୱାମୀ ସହିତ ଜୀବନ ବିତାଇବାର ପରିକଳ୍ପନାରେ ସେ ମସଗୁଲ ରହେ । ଶାଶୂଘରେ ଶାଶୂ ନଣନ୍ଦଙ୍କୁ ଆପଣାର କରିବା ପାଇଁ ଉଦ୍ୟମ ଜାରିରଖେ । ଗାଉଁଲୀ ମଣିଷ ସେମାନେ । ଶିକ୍ଷିତ ନୁହଁନ୍ତି । ସହରର ହାଓ୍ୱା ତାଙ୍କ ଦେହରେ ବାଜି ନାହିଁ । ଆଦବ କାଇଦା ଜାଣିବେ ବା କାହୁଁ ? ସେଥିପାଇଁ ସୁନ୍ଦରୀକୁ ଖାପ ଛଡା ଲଗେ । ଗାଆଁ ଝିଅମାନେ ନବବଧୂକୁ ଶଙ୍ଖୁଳିବାକୁ ଆସନ୍ତି । କେତେ ଟାହି ଟାପରା ହୁଅନ୍ତି ।

ଇତି ମଧ୍ୟରେ ଅଷ୍ଟମଙ୍ଗଳା ସରିଗଲାଣି । ଝିଅଜ୍ୱାଇଁ ପୁଆଣି ହୋଇ ବାହୁଡ଼ି ଆସିଲେଣି । ବନ୍ଧୁ ବାନ୍ଧବ, ଝିଅ ଝିଆଣୀ ବିଦାୟ ନେଲେଣି । 'ବେଙ୍ଗଲୁରୁ କେବେ ଯିବ ବୋଲି ସୁନ୍ଦରୀ ବୁଦ୍ଧିରାମକୁ କେତେ ଥର ପଚାରିଲାଣି । କିନ୍ତୁ ବୁଦ୍ଧିରାମ କଥା ଏଡେଇ ଦିଏ କିମ୍ବା

ନିରୁତ୍ତର ରହେ । ଧୀରେ ଧୀରେ ଯୌତୁକ ଟଙ୍କା ସରିଆସେ । ସକାଳ ଭୋଜନ ଆଉ ତ୍ରିପୁରାକୁ ପୁରି ତରକାରୀ କିମ୍ବା, ପରଟା, ଡାଲମା, ସିମେଇଁ ଆଦି ମିଳେ ନାହିଁ । ଗାଧୋଇ ସାରିବା ପରେ ସକାଳେ ଏଣିକି ବାସି ପଖାଳ ଓ ଶାଗଭଜା ତା ସମୀପରେ ଥୁଆହୁଏ । ପଚାରିଲେ, ଶାଶୂ ଗରଗର ହୋଇ ଗାଳି ଦିଅନ୍ତି । ନଣନ୍ଦ ଗେଲରେ ଗାଲରେ ଖୁନ୍ଦାମାରେ ଓ ବୁଦ୍ଧିରାମ ହାତ ଉଠାଏ । ଦିନକୁ ଦିନ ତା ଉପରେ ନିର୍ଯ୍ୟାତନା ବଢ଼େ । ଏହି ଭିତରେ ୪ ମାସ ବିତିଗଲାଣି । ମନର ସରାଗ ଫିକା ପଡିଲାଣି । ଉତ୍ସାହ ମଉଳି ଗଲାଣି, ତ୍ରିପୁରା ମନରେ ସନ୍ଦେହ ଉପୁଜେ । ସେ ପଡୋଶୀ ଘରର ଝିଅ କୁନ୍ତଳା ଠାରୁ ଜାଣିବାକୁ ପାଏ ଯେ ବୁଦ୍ଧିରାମ କମ୍ପ୍ୟୁଟର ଇଂଜିନିୟର ନୁହେଁ, ସେ ଆଇଏ ଫେଲ ହୋଇଛି । ବେଙ୍ଗଲୁରରେ କୌଣସି ଚାକିରି କରିନାହିଁ । ବରଂ ସେଠାରେ ତା' ବଡ଼ ଭାଇର ଠିକାଦାରୀ କାମ ଦେଖାଶୁଣା କରେ । ସତ କେବେ ଲୁଚି ରହେନାହିଁ । ସତ ଶୁଣିଲା ପରେ ତ୍ରିପୁରା ମଥାରେ ଚଡ଼କ ପଡ଼େ ଯେପରି । ପୃଥିବୀ ତା ପାଦତଳୁ ଖସିଯାଏ । ଆଶାର ତାଜମହଲ ନିମିଷକେ ଭାଙ୍ଗିରୁଜି ଚୂରମାର ହୋଇଯାଏ । ଆହତ ଫଣିନୀ ସମ ଗର୍ଜିଉଠେ ସେ । ମାନସିକ ଭାରସାମ୍ୟ ହରାଇ ୨ ଥର ଆତ୍ମହତ୍ୟା କରିବାକୁ ଉଦ୍ୟମ କରି ବିଫଳ ହୁଏ । ପାରିବାରିକ ସମସ୍ୟା ଉଗ୍ରରୂପ ଧାରଣ କରେ । ଗାଆଁର ସେ ଅର୍ଦ୍ଧ ଶିକ୍ଷିତ ପରିବାର ସହି ଉପଯୋଜିତ ହୋଇପାରେ ନାହିଁ । ଠକାମିର ଶିକାର ହୋଇଥିବା ଅନୁଭବ କରି ତା ବଡଭାଇ ଆସି ତାକୁ ନିଜ ଘରକୁ ନେଇଯାଏ । ଠକି ଯାଇଥିବା ତ୍ରିପୁରା ଜୀବନ ପଥର ଦୋଛକିରେ ଠିଆ ହୋଇ ନ୍ୟାୟ ପାଇବା ପାଇଁ ସାହସର ସହିତ ମହିଳା କମିସନଙ୍କ ଦ୍ୱାରସ୍ଥ ହୁଏ । ଛାଡପତ୍ର ଓ ଭରଣ ପୋଷଣ ଦାବିକରି ଅଦାଲତରେ ମୋକଦ୍ଦମା ଦାୟର କରେ । ବାପଘର ଦେଇଥିବା ଜିନିଷ ପତ୍ର ସ୍ତ୍ରୀଧନ ରୂପେ ଫେରିପାଇବାକୁ ସ୍ଥାନୀୟ ପୋଲିସର ଆଶ୍ରୟ ନିଏ । ଭୁଲ ତଥ୍ୟ ଦେଇ ଯୌତୁକ ଲୋଭରେ ମିଛ କହି ଠକି ଦେବାର ଫଳ କିପରି ବିଷମୟ ହୁଏ, ତାହା ନିଧିରାମ, ବୁଦ୍ଧିରାମ ଓ ସେମାନଙ୍କ ପରିବାର ଏବେ ବୁଝିପାରିଲେବି, ନେଡିଗୁଡ କହୁଣୀକୁ ବହିଯାଇଥିବାରୁ ନିରୁପାୟ ହୋଇ ନୀରବତା ଅବଲମ୍ବନ କରନ୍ତି । ମଧ୍ୟପାତ୍ର ପ୍ରଭାତ ମୁହଁ ଲୁଚା ଦିଏ । ସେ ଏକ ପ୍ରଚଣ୍ଡ ଟାଉଟର ବୋଲି ସାରା ଅଞ୍ଚଳ ଉପଲବ୍ଧି କରେ । କେବଳ ତା ପାଇଁ ହିଁ ତ୍ରିପୁରା ପରିବାର ଠକାମିର ଶିକାର ହୋଇଛନ୍ତି ବୋଲି ପ୍ରଚର ହୁଏ । ସଠିକ ଭାବେ ନବୁଝି ଦାୟିତ୍ୱ ଶୂନ୍ୟ ଭାବେ ବିଭାଘର କରିଥିବାରୁ ଗାଆଁ ଲୋକେ ଉଭୟ ପରିବାରକୁ ଛି, ଛାକର କରନ୍ତି । ଅଧୁନା ମୋକଦ୍ଦମା ଚାଲିଛି । ଦୁଇ ପରିବାର ବିଚାରପତିଙ୍କ ରାୟକୁ ଅପେକ୍ଷା କରିଛନ୍ତି । ତ୍ରିପୁରା ଇତି ମଧ୍ୟରେ ଅମିତ୍‌କୁ ସାକ୍ଷାତ କରେ କିନ୍ତୁ ସେ ବିବାହ କରିସାରିଥାଏ । ଅଦାଲତରେ ମୋକଦ୍ଦମା ତାରିଖ ଗଡିବା ସହିତ ବୟସ ବଢ଼ିଯାଉଛି । ଉଭୟଙ୍କର ଦ୍ୱିତୀୟ ବିବାହ କରିବାର ଆଶା ସେହି ତୁଳନାରେ ଦିନକୁ ଦିନ କ୍ଷୀର ହୋଇ ଯାଉଛି ଯେପରି । ସତେ ଅବା ଏହହିଁ ସେମାନଙ୍କ ପାଇଁ ଉପଯୁକ୍ତ ଦଣ୍ଡ ବୋଲି ଗାଆଁ ଲୋକେ କହୁଛନ୍ତି ।

ଜଗନ୍ନାଥପୁର ଶାସନ, ମଦନପୁର, କେନ୍ଦ୍ରାପଡ଼ା

୦୦୦

# ଶାମୁକା ପେଟର ମୁକ୍ତା

**ପ୍ରଫୁଲ୍ଲ କୁମାର ସାହୁ**

ଭାବୁଛି ଶୁଭାନୀ, କ'ଣ କରିବ ସେ । ତା'ର ପ୍ରେମ ଦୁଆରେ ଭଲ ପାଇବାର ଭିକ୍ଷା ପାତ୍ର ହାତରେ ଠିଆ ହୋଇଛନ୍ତି ବିଭୁ । ତାଙ୍କୁ ଶୂନ୍ୟ ହାତରେ ଫେରାଇ ଦେବ ନା ଦେବତା ରୂପେ ହୃଦ ସିଂହସନରେ ଅଭିଷିକ୍ତ କରିବ । ଯେତେ ଭାବିଲେ ବି କୌଣସି ସିଦ୍ଧାନ୍ତରେ ପହଞ୍ଚ ପାରୁନି । କାହିଁକି ନା ସେ ସ୍ଥିର କରିଥିଲା ଆଦୌ ବିବାହ ବନ୍ଧନରେ ବାନ୍ଧି ହେବ ନାହିଁ । ଚିରକୁମାରୀ ରହି ଅବହେଳିତ ଗରିବ ଲୋକମାନଙ୍କର ସେବା କରିବ । ଅନ୍ୟପକ୍ଷରେ ବିଭୁଙ୍କ ପାଇଁ ଅସାମାଜିକ ଲୋକଙ୍କ କବଳରୁ ରକ୍ଷା ପାଇଗଲା । ସେଦିନ ସେ ହଠାତ୍ ସେଠି ନ ପହଞ୍ଚିଥିଲେ, ତାର ଅବସ୍ଥା ଯେ କ'ଣ ହୋଇଥାନ୍ତା ସମାଜରେ ଘଟୁଥିବା ଇତିଶ୍ରୀ, ବେବିନା, ମାମିନା ଭଳି ଦଶା ଭୋଗିବାକୁ ପଡ଼ିଥାନ୍ତା ।

ବିଭୁ ହେଉଛନ୍ତି ବିରାଟ ଧନୀ ଘରର ପୁଅ । ସମାଜରେ ପ୍ରତିପତ୍ତି ଅଛି । ବାପା ମାଆଙ୍କର ଏକମାତ୍ର ପୁଅ ସେ । ପୁଣି ଜଣେ ଡାକ୍ତର । ତାଙ୍କ ବାପା, ମା ମୋତେ ବୋହୂ ରୂପେ ଗ୍ରହଣ କରିବେ ତ? ଯେତେବେଳେ ଜାଣିବେ ମୋ ବଂଶ ପରିଚୟ ଘୃଣାରେ ମୁହଁ ଫେରାଇ ନେବେ ନାହିଁ ତ? ବିଭୁ ବି ମୋ ବିଷୟରେ କିଛି ଜାଣି ନାହାନ୍ତି । କେବଳ ଜାଣିଛନ୍ତି ମୁଁ ବି ଜଣେ ଡାକ୍ତର । ସେଇଥିପାଇଁ ମୋତେ ଆପଣାର କରିବାକୁ ପ୍ରସ୍ତାବ ଦେଲେ ନା ମୋର ଏ ସୁନ୍ଦର ରୂପ ପାଇଁ । ଅଥବା ମୋ ଭିତରେ ଥିବା ମଣିଷ ପଣିଆକୁ ଦେଖିପାରିଛନ୍ତି । ଯାହା ହେଉ, ମୁଁ ମୋର ବଂଶ ପରିଚୟ ଜଣାଇବା ସଙ୍ଗେ ସଙ୍ଗେ ମୋର କେତେଟା କଥା ରଖିବି । ଯଦି ଏକମତ ହେବେ ତାଙ୍କ ପ୍ରସ୍ତାବରେ ରାଜି ହେବି । ଏମିତି ଅନେକ ଭାବନା ବୁଢ଼ିଆଣୀ ଜାଲ ପରି ଛନ୍ଦି ପକାଉଥିଲା । ବିଭୁଙ୍କ ନାରୀ ହୃଦୟ ଜିଣା ରୂପ ବାରମ୍ବାର ଦୃଶ୍ୟମାନ ହୋଇଯାଇଥିଲା । ସତରେ କ'ଣ ବିଭୁ ତା' ପ୍ରତି ଆକର୍ଷିତ ହୋଇଛନ୍ତି । ଭଲ ପାଇବାର ସୌଧ ଗଢ଼ିସାରିଛନ୍ତି ? ମୁଁ ବି ତାଙ୍କୁ ଦେଖିବା ପରେ ମୋର ଦୁର୍ବଳତା ମୋତେ ପରାଜିତ କରୁଛି । କଲେଜ ଜୀବନରେ ଅନେକ ପୁଅ ସାଥିମାନଙ୍କ ସହ ମିଶିଛି । କାହିଁ କାହା ପ୍ରତି କେବେ ଆକର୍ଷିତ ହୋଇନାହିଁ । ତେବେ ଆଜି କାହିଁକି ଏମିତି..... । ମୋର ନାରୀ ସୁଲଭତା କ'ଣ ହାର ମାନିବ? ନା ମୁଁ ମନକୁ ଟାଣ କରିବି । ଯେଉଁ ଲକ୍ଷ୍ୟକୁ ଆଖି ଆଗରେ ରଖି ଘାତ ପ୍ରତିଘାତ ସହ ସଂଗ୍ରାମ କରି ମୋର ସାଧନାକୁ ସଫଳ କରିଛି ତାହା ବ୍ୟର୍ଥ ହେବାକୁ ଦେବିନି । ମୋର ସପ୍ନକୁ ବାସ୍ତବତାର ରୂପ ଦେବି । ମୋ ଗରିବ ବାପା ମା ସାହିପଡ଼ିଶା ଏମାନଙ୍କୁ ଭୁଲି ଯାଇପାରିବିନି । ସଂକୀର୍ଣ୍ଣ ସଂସାର ସୁଖକୁ ଆପଣାଇ ଏମାନଙ୍କୁ ପର କରିଦେଇ ପାରିବିନି ।

ହଠାତ୍ ଫୋନ୍ ବାଜି ଉଠିଲା । ଭାବନା ରାଜ୍ୟରୁ ବାସ୍ତବତାକୁ ଫେରିଆସିଲା ଶୁଭାନୀ । ଫୋନ ଉଠାଇ ଦେଖିଲା ବିଭୁ ଫୋନ କରିଛନ୍ତି । କହୁଛନ୍ତି ଆଗାମୀ କାଲି ବାପା, ମା'ଙ୍କ ସହ ଶୁଭାନୀକୁ ଦେଖିବାକୁ ଆସିବେ । ଶୁଭାନୀ ସେମାନେ ଆସିବାକୁ ସ୍ୱୀକୃତି ଜଣାଇଲେ ।

ମନରେ ସଞ୍ଚାରିତ ହେଲା ଆନନ୍ଦର ଜୁଆର । ନୂତନ ସମ୍ଭାବନା ଜାଗ୍ରତ ହେଲା । ବାମନ ଚନ୍ଦ୍ର ଧରିବାର ଦୁର୍ବାର ଆଶା ଆଶା ରେ ହଜି ଯିବନି ତ ? ଏମିତି କେତେ କ'ଣ ଭାବନା ଦୁର୍ଭାବନା । ରାତିରେ ନିଦ ହଜାଇ ଦେଲା । ରାତି ସରି ସରି ଆସୁଥିବା ବେଳେ କେତେ ଯେ ଆଶଙ୍କା ଶୁଭାନୀର ମୁଣ୍ଡକୁ ଗୋଳମାଳ କରିଦେଉଥିଲା । ଠାକୁରଙ୍କୁ ଡାକି ନିଜର ଭାଗ୍ୟ ଓ ଭବିଷ୍ୟତକୁ ସମର୍ପଣ କରି ଦେଉଥିଲା । ଯାହା ହେବ ତାହା ଅଦୃଷ୍ଟନିୟନ୍ତାଙ୍କ ଇଚ୍ଛାରେ । ପିଲା ଦିନରୁ ଏଯାଏ ଯାହା ଜୀବନରେ ଘଟିଛି ତାହାତ ଈଶ୍ୱରଙ୍କ ନିର୍ଦ୍ଦେଶ ଥିଲା ।

ଡାମରା କାଉ ରାତି ପାହିବାର ସୂଚନା ଦେଇଗଲେ । ମନ୍ଦିରରୁ ଶଙ୍ଖ ଘଣ୍ଟାର ଶବ୍ଦ ସୃଷ୍ଟି ହେଲା । ରାତିର କଳା ଚଦର ଏଡେଇ ରକ୍ତିମ ଅରୁଣ ପୂର୍ବାକାଶରୁ ନୂତନ ଅଣିମା ବିଛାଇଦେଲା । ପକ୍ଷୀମାନଙ୍କ କଳରବ ପ୍ରାଣୀଜଗତକୁ ନିଦ୍ରା ତ୍ୟାଗ କରିବାକୁ ନିର୍ଦ୍ଦେଶ କରୁଥିଲା । କ୍ରମଶଃ ଚଳ ଚଞ୍ଚଳ ହେଲ ପଲ୍ଲୀରୁ ସହର ।

ଚଞ୍ଚଳ ହେଉଥିଲା ଶୁଭାନୀର ମନ । ସମୟ ଗତିଠାରୁ ମନର ଗତି ବଢ଼ି ଯାଉଥିଲା । ସେମାନଙ୍କ ଆସିବାକୁ ପ୍ରତୀକ୍ଷା କରୁଥିଲା । ଅତିଥି ସତ୍କାର ପାଇଁ ପ୍ରସ୍ତୁତ ହେଉଥିଲା ।

ହୁଆଇଗାଡ଼ିର ଶବ୍ଦଶୁଣି ଚମକି ପଡିଲା ଶୁଭାନୀ । ଯାଇ ଦେଖେତ ବିଭୁ ଏବଂ ତାଙ୍କ ବାପ ମା ଗାଡ଼ିରୁ ଓହ୍ଲାଇଛନ୍ତି । ଶୁଭାନୀ ବାପା ମା'ଙ୍କୁ ପ୍ରଣାମ ଜଣାଇ ପାଛୋଟି ଆଣିଲା ଭିତରକୁ । ଅତିଥି ସତ୍କାର ଯଥା ରୀତିଭାବେ ଅର୍ପଣ କଲା ।

ବିଭୁର ବାପା ସତୀଶ ଆଚାର୍ଯ୍ୟ ଶୁଭାନୀକୁ ବସିବାକୁ କହିଲେ । ଶୁଭାନୀ ଆଜ୍ଞାବହ ଶିଶୁଟିପରି ନମ୍ରତାର ସହ ପାଖରେ ବସିଲା ।

କଥା ଆରମ୍ଭ କଲେ ଆଚାର୍ଯ୍ୟ ବାବୁ । ବିଭୁ ଠାରୁ ଆମ ବିଷୟରେ ନିଶ୍ଚୟ ଶୁଣିଥିବ । ତଥାପି ମୋ ଠାରୁ ଶୁଣ । ବିଭୁ ହେଉଛି ମୋର ଏକମାତ୍ର ପୁଅ । ସେ ଆମ ଜୀବନ । ପ୍ରାଚୁର୍ଯ୍ୟ ସମ୍ପତ୍ତି । ଗାଡ଼ିମଟର ଶିକ୍ଷ, ଆମର ସବୁ ପରିପୂର୍ଣ୍ଣ । ପିଲାଟି ଦିନରୁ ବିଭୁର ଅଳି ଅର୍ଦ୍ଦଳିକୁ ଆମେ ହେଳା ନକରି ପରିପୂର୍ଣ୍ଣ କରିଛୁ । ତା ଓଠରୁ ହସ ଝରିଲେ ଆମ ମନରେ ଆନନ୍ଦର ଜୁଆର ଖେଳିଯାଏ । ତା ଆଖିରୁ ଲୁହ ଝରିଲେ ଆମ ଛାତିରୁ ରକ୍ତ ଝରେ । ଧନ ସମ୍ପତ୍ତି ତାରି ପାଇଁ ତ । ହେଲେ ସବୁଠାରୁ ମୁଁ ବେଶି ଖୁସି ହୁଏ । ଏତେ ଧନ ସମ୍ପତ୍ତିର ସ୍ତୂପ ଉପରେ ଠିଆ ହୋଇ ବିଭୁ ମନରେ କେବେ ଗର୍ବ ଓ ଅହଂକାର ମୁଁ ଦେଖିନି । ସେ ସବୁବେଳେ ଧୀର, ଶାନ୍ତ, ସରଳ । ଠାକୁର ଏଭଳି ପୁଅ ଆମ କୋଳରେ ଦେଇ ଥିବାରୁ ଆମେ ନିଜକୁ ଭାଗ୍ୟବାନ ମନେ କରୁଛୁ । ବିଭୁର ବିବାହ ପ୍ରସ୍ତାବ ଅନେକ ଆସିଛି । ହେଲେ ଆମେ ତାକୁ ଉପେକ୍ଷା କରିଛୁ । କାରଣ ବିଭୂତାର ମନ ପସନ୍ଦର ସାଥିଟେ ସେ ନିଜେ ସ୍ଥିର କରିବ । ଏ ଅଧିକାର ଆମେ ତାକୁ ଦେଇଛୁ । ବିଭୁ ତୁମ ବିଷୟରେ ଆମକୁ କହିବା କ୍ଷଣି ହେଳା ନକରି ତାର ଇଛା ପୂରଣ କରିବାକୁ ତୁମ ପାଖକୁ ଆସିଛୁ । କୁହ ମା ମୁଁ ଠିକ୍ କହିଲା ନା ?

ସିଏ କ'ଣ କହିବମ । ବିଭୁ ତାକୁ ପସନ୍ଦ କରିଛି । ସେ ଆମ ବହୂ । ସୁନାଲାଖି ବହୂ । ସରଗ ପରୀଟିଏ ପରି । ବିଧାତା ଏତେ ସୁନ୍ଦର କରି ଗଢ଼ିଛନ୍ତି କେବଳ ଆମ ବହୂ ହେବା ପାଇଁ । ଆସିଲୁ ଆସିଲୁ ମା ମୁଁ ତୋତେ ହାର ପିନ୍ଧାଇ ଦିଏ । ଭାବ ପ୍ରବଣବଶ ହୋଇ କହିଲେ ସୁନିତା ଦେବୀ ।

ମା ମୋ କଥା ଟିକିଏ ଶୁଣନ୍ତୁ । ମୋ ବିଷୟରେ ଜାଣିଲେ ହୁଏତ ଆପଣଙ୍କ ନିଷ୍ପତ୍ତି ବଦଳି ଯାଇପାରେ । ମୋ ଜୀବନ କାହାଣୀ ନୁହେଁ ସତ । ସହରତଳି ଅଞ୍ଚଳର ଅପନ୍ତରା ଝୁମ୍ପୁଡ଼ି ପଲ୍ଲୀ ବସ୍ତିରେ ମୋର ଜନ୍ମ । ଯେଉଁଠି ମୁଣ୍ଡ ନୁଆଁ ଚାଳ କିମ୍ବା ପଲିଥିନ୍ ଛପର । ମଶା ମାଛିଙ୍କ ବାସସ୍ଥାନ, ଅଳିଆ, ଆବର୍ଜନା କୁକୁର ଘୁଷୁରିଙ୍କର ତୀର୍ଥସ୍ଥାନ । ସେଠି ସମସ୍ତେ ନିର୍ମାଣ ଶ୍ରମିକ, ଶହେ ପରିବାରରୁ ଅଧିକ ହେବ । ସକାଳ ହେବା କ୍ଷଣି କ'ଣ ମୁଠେ ଖାଇ ବାହାରି ଯାଆନ୍ତି କାମକୁ । ପୁରୁଷ ମହିଳା ଝିଅ ସମସ୍ତେ ଶ୍ରମିକ । କାହାଘରେ ଜଗିଥାନ୍ତି ତାଙ୍କ ବୃଦ୍ଧ ବାପା ମା । ଛାଡ଼ିଯାନ୍ତି ତାଙ୍କ ଲଙ୍ଗଳା ଫୁଙ୍ଗୁଳା ପିଲାମାନଙ୍କୁ । ମୁଠେ ଭାତ କି ମୁଢ଼ି ଦେଇଯାଇଥାନ୍ତି । ଭୋକହେଲେ ସେମାନେ ଖାଆନ୍ତି । ସନ୍ଧ୍ୟାରେ ଝୁମ୍ପୁଡ଼ିକୁ ଫେରିଲାବେଳେ ମଦ ଭାଟିରୁ ପେଟେ ପେଟେ ମଦ ପିଅନ୍ତି । ମଦ ଭାଟି ହେଉଛି ସେ ବସ୍ତି ମୁଖିଆର । ମଜୁରୀ ଟଙ୍କା ତକ ମୁଖିଆ ଆଣେ । ସପ୍ତାହରେ ହିସାବ ମାଗିଲେ ମୁଖିଆ ତାର ଝୁମ୍ପୁଡ଼ି ଭଡ଼ା, ମଦ ପିଇବା ଟଙ୍କା ସବୁ କାଟିରଖେ । କେତେଟା ଟଙ୍କା ଧରାଇଦି, ଯାହା ସପ୍ତାହେ ଚଳିବା କଷ୍ଟ । ହିସାବ ବୁଝାଇବା କହିଲେ ମାଡର ଧମକ ଏମିତି କାହା ଉପରେ ମାଡବସେ । କହିବାର ସାହାସ କାହାର ନଥାଏ । କାହାର ଦେହ ଖରାପ ଦୃଷ୍ଟିରୁ କାମକୁ ଯାଇ ନ ପାରିଲେ ମୁଖିଆର ଚେଲାଗୁଣ୍ଡା ମାଡ ମାରି କାମକୁ ପଠଇଦିଏ ।

ଶ୍ରମିକମାନେ ମଦପିଇ ଘରକୁ ଫେରିବା ପରେ ପ୍ରାୟତଃ ସବୁଘରେ କଳି ଝଗଡ଼ା ବାଡ଼ିଆପିଟା ହୁଏ । କାହାଘରେ ବି ରୋଷେଇବାସ ଖିଆପିଆ ହୋଇପାରେ ନାହିଁ । ମଦ ନିଶାରେ ଯିଏ ଯେଉଁଠି ଶୋଇଯାଆନ୍ତି । ଏହ ବସ୍ତିର ସବୁ ଦିନିଆ ଘଟଣା । କେବଳ ସେତିକି ନୁହେଁ ସେହି ଗୁଣ୍ଡା, ଦାଦାମାନେ ମା ଭଉଣୀମାନଙ୍କର ଉଜ୍ଜତ ସହ ଖେଳିଛନ୍ତି । କାମନାର ଲୋଲୁପ ଦୃଷ୍ଟିର ଶିକାର ହୋଇଥାନ୍ତି । ନିରୀହା ସରଳା ଗରିବ ଝିଅ ବହୂମାନେ ।

ଏବେ ମୋ କଥା କହୁଛି । ମୋ ବାପା ମା'ଙ୍କର ମୁଁ ଏକମାତ୍ର ଝିଅ । ସେଦିନ ମୋ ବାପା ମା କାମକୁ ବାହାରିଗଲେ । ମୋ ଖାଇବା ପାଇଁ ମୁଠେ ପଖାଳ ରଖି ଦେଇ କହିଲେ ଭୋକହେଲେ ଖାଇବୁ । ଘରଛାଡ଼ି କୁଆଡ଼େ ଯିବୁନି । ମୁଁ ଘର ଦୁଆରେ ବସି ଖେଳୁଥାଏ । ଆମ ପାଖ ଝୁମ୍ପୁଡ଼ିରେ ଗଦିଆ ଦାଦା ଜରରେ କମ୍ପି କମ୍ପି ଘର ଭିତରେ ଶୋଇଥାଏ । ଖୁଡ଼ୀ କାମକୁ ନଯାଇ ଦାଦାକୁ ଘଷା ଆଉଁସା କରୁଥାଏ । ଠିକ୍ ଏତିକିବେଳେ ଦୁଇଜଣ ଗୁଣ୍ଡାପହ ଅଁ଼ଗଲେ । ସମସ୍ତଙ୍କ ଝୁମ୍ପୁଡ଼ିକୁ ଦେଖୁଥିଲେ କାଳେ କିଏ କାମକୁ ଯାଇନଥିବ । ଦେଖିଲେ ମୋ ଦାଦା ଜରରେ ଥରୁଛି ଖୁଡ଼ି ପାଖରେ ବସିଛି । କୁତ୍ସିତ ଭାଷାରେ ଗାଳିକଲେ । ଶଳା କାମକୁ ନଯାଇ ଏଠି ଜର ବାହାନା କରୁଛୁ । ପିଟିଲେ ମଧ । ମୋ ଖୁଡ଼ୀଙ୍କ କୌଣସି କଥା ଶୁଣିଲେ ନାହିଁ । ତାପରେ ମୋ ଖୁଡ଼ୀକୁ ପାଖ ବଣକୁ ନେଇଗଲେ । ମୋ ଖୁଡ଼ୀର ଆକୁଳ କ୍ରନ୍ଦନ ବିନତି ତାଙ୍କ ନିଷ୍ଠୁର ହୃଦୟକୁ ଛୁଇଁ ପାରିଲା ନାହିଁ । ମୁଁ ଲୁଚି ଲୁଚି ଗୋଟେ ବୁଦା ଉହ୍ଲାଳରେ ଠିଆ ହୋଇ ଯାହା ଦେଖିଲି ତାହା ଆପଣମାନଙ୍କୁ କେମିତି କହିବି । ସେ ନାରୀ ଲିପସୁ କାମୁକ ତାଙ୍କର କାମନାର ଭୋକ ମେ ଣ୍ଟା ଇ ଦେଲେ । ମୁଁ ଭୟରେ ଥରି ଥରି ସେ ବସ୍ତିରୁ ଏକ ମୁହଁ ହୋଇ ଦଉଡ଼ି ପଳାଇ ଆସିଲି । ମୁଁ ଛୋଟପିଲା ପାଞ୍ଚ ବର୍ଷ ମାତ୍ର । କୁଆଡେ ଯିବି ତାହା ବି ଜାଣି ନଥିଲି । ପଥଚଲା କ୍ଲାନ୍ତିକୁ ଏଡେଇ ଚାଲିଥାଏ । ଭୋକ ଶୋଷରେ ତ ଣ୍ଡି ଶୁଖି ଯାଇଥାଏ । ବସିପଡ଼ିଲି ଗୋଟାଏ ଗଛ ମୂଳ ଛାଇରେ । ସେତେବେଳକୁ ସମୟ ଚାରିଟାର ଉର୍ଦ୍ଧ୍ୱହେବ । ମୁଁ କାନ୍ଦୁଥାଏ । ଏହି ସମୟରେ ଜଣେ ଭଦ୍ର ମହିଳା ସେହି ବାଟରେ ଯାଉଥିଲେ । ମୋତେ ଦେଖି ମୋ ପାଖକୁ ଆସି ମୋ ବିଷୟରେ ପଚାରିଲେ । ମୁଁ ସବୁକଥା କହିଲି । ସେ ମା ଜଣକ ମୋତେ କୋଳେଇ ମାତୃତ୍ୱ ସ୍ନେହ ଦେଇ କହିଲେ, ଚାଲ ଝିଅ ତୋତେ ତୋ ବାପା ମାଙ୍କ ପାଖରେ ଛାଡ଼ିଦେବି । ମୁଁ ସେଠିକୁ ଯିବାକୁ ରାଜି ହେଲି ନାହିଁ । ସେ ପୁରି କହିଲେ, ତୁ ମୋ ପାଖରେ ମୋ ଝିଅ ହୋଇ ରହିବୁ । ମୁଁ ସମ୍ମତି ଜଣାଇଲି ଏବଂ ତାଙ୍କ ସାଙ୍ଗରେ ଏକ ଘରକୁ ଆସିଲି । ସେ ମା ହେଉଛନ୍ତି ଜଣେ ବିଧବା । ତାଙ୍କର କୌଣସି ପିଲାଛୁଆ ନଥିଲେ । ସେ ହେଉଛନ୍ତି ଜଣେ ଶିକ୍ଷୟତ୍ରୀ । ମୁଁ ଜଣେ ହରିଜନ ଘର ଝିଅ ହୋଇ ସେ ମୋତେ ଝିଅ ଭାବରେ ଗ୍ରହଣ କଲେ । ସ୍କୁଲରେ ନାମ ଲେଖାଇଲେ । ଭଲ ପାଠ ବି ପଢୁଥିଲି । ପ୍ରତ୍ୟେକ ପରୀକ୍ଷାରେ ପ୍ରଥମ ଶ୍ରେଣୀ ମାନ୍ୟତା ଅର୍ଜନ କରୁଥିଲି । ମୋ ପାଠ ପଢ଼ା ଦେଖି ମା ମୋର ଭାରିଖୁସି ହେଉଥିଲେ । ମା'ଙ୍କ ନିର୍ଦ୍ଦେଶରେ ଡାକ୍ତରୀ ପଢ଼ିଲି । ସଫଳତା ସହ କୃତକାର୍ଯ୍ୟ ହେଲି । ହେଲେ ସେଦିନ ମା'କୁ ହରାଇଲି । ସେ ମୋତେ ଏକୁଟିଆ ଛାଡ଼ି ପର ପାରିକୁ ଚାଲିଗଲା । ଡାକ୍ତରୀ ପରୀକ୍ଷାରେ ମୋର ସଫଳତା ଶୁଣି ଆନନ୍ଦରେ ଆତ୍ମହରା ହୋଇଗଲା ଏବଂ ହୃଦ୍‌ଘାତରେ ଆଖି ବୁଜିଦେଲା । ମୋ ଡାକ୍ତରୀ ପାଠ ତା ସେବାରେ ଲାଗିପାରିଲାନି । ମୋ ମା'ର ପାର୍ଥିବ ଶରୀର ଛୁଇଁ ଶପଥ କରିଥିଲି ଆଜୀବନ ଗରିବ ମାନଙ୍କର ସେବା କରିବା ପାଇଁ । କାହିଁକିନା ମୁଁ ଥିଲି କ'ଣ ଆଜି ହୋଇଛି କ'ଣ ? ଏହା ମୋ ମାର ଦୟା, ଦାନ, ସ୍ନେହ, ଆଶୀର୍ବାଦ ମୋ ଠାରେ ଅଜାଡ଼ି ଦେଇଥିଲା । ତେଣୁ ତାଙ୍କରି ସ୍ମୃତିକୁ ଉଜ୍ଜୀବୀତ ରଖିପା ପାଇଁ ମାଙ୍କ ନାମରେ ଚିକିତ୍ସାଳୟ ସ୍ଥାପନ କରିବା ପାଇଁ ସ୍ଥିର କରିଛି ।

କହିଲୁ ମା' ବସ୍ତିର ତେ ବାପ ମା'ଙ୍କ ବିଷୟ ଅବଗତ ଅଛୁ । କହିଲେ ସତୀଶବାବୁ ।

ହଁ ଆଜ୍ଞା । ମଝିରେ ମଝିରେ ସେମାନଙ୍କ ଖବର ରଖୁଥିଲି । ଦୁଇଦିନ ତଳେ ମୁଁ ଏକୁଟିଆ ବସ୍ତିକୁ ଯାଇଥିଲି । ବାପା ମା' କାମକୁ ଯାଇଥିଲେ ।

ଅପେକ୍ଷାରେ ଝୁମ୍ପୁଡ଼ିରେ ବସିପଡ଼ିଲି । ବାପା ମା' ଫେରିବା ପରେ ମୋତେ ହଠାତ୍ ସେମାନେ ଚିହ୍ନିପାରିଲେନି । ପରେ ମୋତେ ଚିହ୍ନି ଅନ୍ଧ ଆଖି ପାଇଲା ପରି ଆନନ୍ଦ ଅନୁଭବ କଲେ । ମୋ ଠାରୁ ସବୁକଥା ଶୁଣି ତାଙ୍କ ଆଖିରୁ ଲୁହଧାର ବହିଗଲା । ତାଙ୍କ ଜୀର୍ଣ୍ଣଶୀର୍ଣ୍ଣ ଅବସ୍ଥା ଦେଖି ମୁଁ ନିଜକୁ ଧିକ୍କାର କଲି । ମୁଁ ନିଜକୁ ଦୋଷୀ ମନେକରି ଯାହା ପୂର୍ବରୁ ମୋର କିଛି କରିବାର ଥିଲା । ସନ୍ଧ୍ୟା ହୋଇ ଆସୁଥାଏ । ବିଦାୟ ନେଇ ଅଟୋରିକ୍ସା ପାଖକୁ ଫେରୁଥାଏ । ହଠାତ୍ ଦୁଇଜଣ ସେଇ ବସ୍ତିର ଗୁଣ୍ଡାଙ୍କ ହାବୁଡ଼େ ପଡ଼ିଲି । ସେମାନେ ମୋ ରୂପରେ ଚର୍ଚ୍ଚା ଆରମ୍ଭ କରିବା ସହ ମୋ ହାତକୁ ଟଣା ଓଟରା କଲେ । ମୋ ଚିତ୍କାର କେହି ଶୁଣିଲେନି ! ଠିକ୍ ସେହି ସମୟରେ ବିଭୁବାବୁ କାର ନେଇ ସେଇବାଟରେ ଆସୁଥିଲେ । ମୋତେ ଦେଖି ସେ ଗୁଣ୍ଡାଙ୍କ କବଳରୁ ରକ୍ଷାକଲେ । ଦୁହେଁ ଫେରିବା ବାଟରେ ମୋତେ ବିବାହ କରିବା ପାଇଁ ମୋ ମତ ଲୋଡିଥିଲେ । ମୁଁ ଏହିକଥା ହିଁ କହିଥିଲି । ଆଜୀବନ ଗରିବ ଲୋକଙ୍କର ସେବା କରିବି । ବସ୍ତି ଅତ୍ୟାଚାର ଶିକାର ହେଉଥିବା ଲୋକମାନଙ୍କୁ ନ୍ୟାଯ୍ୟ ଅଧିକାର ପାଇବାର ଚେଷ୍ଟାକରିବି । ଏକଥା ବି କହିଥିଲି ମୁଁ ହେଉଛି ସହର ତଳିର ବସ୍ତିର ଗୋଟିଏ ହରିଜନ ଝିଅ, ମୋତେ କ'ଣ ଆପଣମାନେ ଗ୍ରହଣ କରିବେ ।

ଆଉମା' ଥାଉ ତୁ ହରିଜନ ଝିଅ ହୋଇପାରୁ କିନ୍ତୁ ମୁଁ ଜାତିପ୍ରଥାକୁ ଘୃଣା କରେ । କିଏ କହିବ ବସ୍ତିର ଝିଅ ତୁ, ତୁ ରତ୍ନଟିଏ । ମୁକ୍ତା ଶାମୁକାରୁ ତ ମିଳେ । ପଦ୍ମ ପଙ୍କରୁ ତ ଜନ୍ମ । ହୀରା ଖଣିରୁ ଜନ୍ମ । ତେବେ କହ ମା' ଏମାନେ ଏତେ ଉଚ୍ଚରେ କାହିଁକି ? ଯାହାହେଲେ ବି ତୁ ହେଉଛୁ ମୋର ବହୂ । ମୁଁ ପ୍ରତିଶ୍ରୁତି ଦେଉଛି ବିଭୁ ଓ ତୁ ମିଶି ସମାଜର ସେବା କର । ଗରିବ ଆଖିରୁ ଲୁହ ପୋଛି ଦିଅ ।

ନଖୋଇ, ଦେବୀଦ୍ୱାର, ଯାଜପୁର

୦୦୦


# VOICE FOR VOICELESS

## INDIVIDUAL PARTICIPATION IN SOCIAL SERVICE

## INVITATION

**SUNDAY MEETING AT 10 AM**

**VENUE-R.S TUTARIAL, INFRONT OF CHRIST COLLEGE MAIN GATE,**

**SURYALOK LANE CHANDI CHACK, CUTTACK**

**COLLECT ID CARD AND GET INFORMATION.**

# ଏମ୍. ଏ. - କଣ୍ଡକ୍ଟର

ଡକ୍ଟର ରାମଚନ୍ଦ୍ର ଷଡଙ୍ଗୀ

ଗୋବିନ୍ଦବାବୁ ଭୁବନେଶ୍ବର ଠାରେ ସେକ୍ରେଟାରୀଏଟ୍‌ରେ ଚାକିରୀ କରନ୍ତି । ମାତ୍ର ରହନ୍ତି ନିଜଘର କଟକରେ । ପ୍ରତିଦିନ ଘରୁ ସାଇକେଲ୍ ଧରି ବାଦାମବାଡ଼ି ବସ୍‌ଷ୍ଟାଣ୍ଡରେ ପହଞ୍ଚନ୍ତି ଓ ସେଠାରେ ସାଇକେଲ ଷ୍ଟାଣ୍ଡରେ ସାଇକେଲ୍‌ଟି ରଖି ଭୁବନେଶ୍ୱର ଯାଆନ୍ତି ଟାଉନ୍ ବସରେ । ପ୍ରତିଦିନ ପ୍ରାୟ ଗୋଟିଏ ନିର୍ଦ୍ଦିଷ୍ଟ ସମୟରେ ଯାଇଥିବାରୁ ସେ ଗୋଟିଏ ନିର୍ଦ୍ଦିଷ୍ଟ ଟାଉନ ବସରେ ମଧ ଯାଆନ୍ତି । ସେ ବସ୍‌ରେ ଡ୍ରାଇଭର ଓ କଣ୍ଡକ୍ଟର ତାଙ୍କର ମୁହଁଚିହ୍ନା ହୋଇଯାଇଥିଲେ । ଗହଳି ବସ ଭିତରର ଦୃଶ୍ୟ, ଲୋକଙ୍କ ଠେଲାପେଲା ଓ କଥାବାର୍ତ୍ତା ତାଙ୍କର ଦେହ ସୁହା ହୋଇଯାଇଥିଲା । କଣ୍ଡକ୍ଟର ମଧ ତାଙ୍କ ପାଇଁ ନିଜ ସିଟ୍‌ଟିକୁ ଛାଡିଦିଅନ୍ତି । ସେ ଜାଣେ ତାଙ୍କ ପାଇଁ ନିଜ ସିଟ୍‌ଟିକୁ ରଖିଥାନ୍ତି । ପୁଣି ଫେରିବାବେଳେ ସେ ସେହି ବସରେ ଆସନ୍ତି । ତେଣୁ ସେ ଟାଉନ୍ ବସ୍ ତାର ଡ୍ରାଇଭର ଓ କଣ୍ଡକ୍ଟରଙ୍କ ସହ ଗୋବିନ୍ଦବାବୁଙ୍କର ଏକ ଅଦୃଶ୍ୟ ସଂପର୍କ ହୋଇଯାଇଥାଏ ।

ଦିନେ ଗୋବିନ୍ଦବାବୁ ଜଣେ ନୂଆ କଣ୍ଡକ୍ଟରଙ୍କୁ ସେ ଗାଡ଼ିରେ ଦେଖିଲେ । ସେ ନିଜ ପାଇଁ ସିଟ୍‌ଟିଏ ନପାଇ ଡ୍ରାଇଭରର ସିଟ୍ ପଛ ପଟେ ଠିଆ ହେଲେ । ନୂଆ କଣ୍ଡକ୍ଟର ତାଙ୍କୁ ଚିହ୍ନିନଥିବାରୁ ତାଙ୍କ ପାଇଁ ସିଟ୍‌ଟିଏ ରଖିନଥିଲେ । ସେ ମଧ ନୂଆଲୋକଟିକୁ କିଛି କହି ପାରିଲେ ନାହିଁ । ଡ୍ରାଇଭର ତାଙ୍କୁ ଦେଖି ହସି ହସି କହିଲେ - ସାର୍, ଆଜି ଆପଣଙ୍କର ସିଟ୍ ନଥିବ । କଣ୍ଡକ୍ଟରଟି ନୂଆ ପିଲା, ଜାଣିନି, ମୁଁ ତାଙ୍କୁ ଆଜି କହିଦେବି । ସେ କାଲିଠାରୁ ଆପଣଙ୍କ ପାଇଁ ସିଟ୍‌ଟିଏ ରଖିବ । ଆପଣ ତ ଆମର ପୁରୁଣା ଲୋକ । ଆଉ କଣ୍ଡକ୍ଟରଟିର ରୁଟ୍ ବଦଳିଗଲା । ସେ ଖଣ୍ଡଗିରି ରୁଟ୍‌ରେ ରହିଲା । ଗୋବିନ୍ଦବାବୁ ମଧ ହସିଦେଲେ ଓ କହିଲେ ସତେ ନା କ'ଣ! ମୁଁ ତ ତାଙ୍କୁ ମନେ ମନେ ଖୋଜୁଥିଲି । ହଉ ଠିକ୍ ଅଛି । ପରଦିନ ଗୋବିନ୍ଦବାବୁଙ୍କ ପାଇଁ ସିଟ୍‌ଟିଏ ମିଳିଗଲା । ନୂଆ କଣ୍ଡକ୍ଟର ତାଙ୍କୁ ନମସ୍କାର କରି ନିଜ ସିଟ୍‌ଟିକୁ ଯାଇକରି ଦେଲେ ଓ କହିଲେ ସାର୍, ଡ୍ରାଇଭର ଭାଇଙ୍କଠାରୁ ଆପଣଙ୍କ ବିଷୟରେ ଜାଣିଲି । ମୋ ନାଆଁ ସନାତନ । ସେଦିନ ବସ୍ ଭିତରେ ଟିକିଏ କମ୍ ଭିଡ଼ ଥାଏ । ସନାତନ ଗୋବିନ୍ଦବାବୁଙ୍କ ପାଖରେ ବସି ପଡ଼ିଲେ । ସନାତନ ଦେଖିବାକୁ ଜଣେ ସୁଠମ ଯୁବକ ଓ ଉଚ୍ଚଶିକ୍ଷିତ ପରି ମନେ ହେଉଥିଲେ । ଗୋବିନ୍ଦବାବୁ ତାଙ୍କୁ ନିଜ ବିଷୟରେ ସଂକ୍ଷେପରେ ପରିଚୟ ଦେଲେ ଏବଂ ସେ ବସ୍ ସହିତ ତାଙ୍କର ଘନିଷ୍ଠ ସଂପର୍କରେ ଅବତାରଣା କଲେ । ଅଧିକ କଥାବାର୍ତ୍ତା ହେବାର ସୁଯୋଗ ନଥିଲା । ଗାଡ଼ି ଯାଇ ସେକ୍ରେଟାରିଏଟ୍ ଛକରେ ପହଞ୍ଚିଗଲା । ଗୋବିନ୍ଦବାବୁ ଗାଡ଼ିରୁ ଓହ୍ଲାଇ ଚାଲିଗଲେ ।

କିଛିଦିନ ଗଡ଼ିଗଲା । ଗୋବିନ୍ଦବାବୁ ସନାତନ ସହିତ ଆଉ କଥାବାର୍ତ୍ତା ହେବାର ସୁଯୋଗ ପାଇନଥାନ୍ତି । ଗାଡ଼ି ଭିତରେ ଯାତ୍ରୀମାନଙ୍କୁ ପଚାରି ଟିକଟ୍ ଦେବା ଓ ପଇସା ଅସୁଲ କରିବାରେ ସନାତନ ବ୍ୟସ୍ତ ଥାଆନ୍ତି । ଯଦି ଭୁଲ୍‌ରେ କେହି ଟିକେଟ୍ ନେଇ ନଥିବେ ଏବଂ ବାଟରେ ଅତର୍କିତ ଚେକିଂ ହେଲେ ତାହା ଜଣାପଡ଼ିବ ତେବେ ସମସ୍ତ ଦୋଷ କଣ୍ଡକ୍ଟର ମୁଣ୍ଡରେ ଲଦା ହୁଏ । ଗାଡ଼ିରେ ବସିଗଲେ ଯାତ୍ରୀମାନେ ଟିକଟ୍ କିଣିବାକୁ ନିଜର

କର୍ତ୍ତବ୍ୟ ବୋଲି କ୍ୱଚିତ୍ ଭାବିଥାନ୍ତି । ତେଣୁ ସେ କାମରେ କଣ୍ଡକ୍ଟରଟି ଆଦୌ ହେଳା କରନ୍ତି ନାହିଁ । ଆଉ ଦିନେ ଗୋବିନ୍ଦବାବୁ ସୁଯୋଗ ପାଇ ସନାତନଙ୍କୁ ତାଙ୍କ କଥା ପଚାରିଲେ । ସେ ମଧ୍ୟ ନିଜ ବିଷୟରେ ଠିକ୍ ଠିକ୍ କହି କହି ପୁଣି ନିଜ କାମରେ ଲାଗିଲେ ।

ଗୋବିନ୍ଦବାବୁ ସନାତନଙ୍କ ସହ ଚାରିପାଞ୍ଚ ଥର ଦୁଃଖସୁଖ ହୋଇଛନ୍ତି । ତା' ଭିତରେ ସେ ସନାତନଙ୍କ ବିଷୟରେ ଜାଣି ତାଙ୍କ ପ୍ରତି ସହାନୁଭୂତିଶୀଳ ହୋଇଯାଇଥିଲେ । ସନାତନଙ୍କ ଘର ନୟାଗଡ଼ ସହର ନିକଟବର୍ତ୍ତୀ ଏକ ମଫସଲ ଗାଆଁରେ । ତାଙ୍କ ବାପା ଗୋଟିଏ ବେସରକାରୀ ହାଇସ୍କୁଲ୍‌ରେ ଶିକ୍ଷକତା କରୁଥିଲେ । ଏକମାତ୍ର ପୁଅକୁ ପଢ଼ାଇ ଭଲ ଓ ଯୋଗ୍ୟ ମଣିଷ କରିବା ପାଇଁ ତାଙ୍କ ମନରେ ଥିଲା । ତେଣୁ ପୁଅଟି ହାଇସ୍କୁଲ୍‌ରୁ ପାଶ୍ କଲାପରେ ସେ ତାକୁ ନୟାଗଡ଼ କଲେଜରେ ପଢ଼ାଇଥିଲେ । ସନାତନ ସବୁଦିନ ସାଇକେଲ୍‌ରେ ଆସି କଲେଜରେ ପଢୁଥିଲା । ଯଥା ସମୟରେ ସେ ବି.ଏ. ପାଶ୍ କଲା ଓ ତା ବାପା ତାକୁ ଏମ୍.ଏ ପଢ଼ାଇବାକୁ ମନ କଲେ । ତେଣୁ ସେ ଭୁବନେଶ୍ୱର ଠାରେ ବିଶ୍ୱବିଦ୍ୟାଳୟରେ ନାମ ଲେଖାଇଲା । ସେ ଛାତ୍ରବାସରେ ରହିବାକୁ ବାଧ୍ୟହେଲା । ତା ବାପା ତାକୁ ବହୁ କଷ୍ଟରେ ଖର୍ଚ୍ଚ ପାଇଁ ଅର୍ଥ ଯୋଗାଇଲେ । ସେ ମଧ୍ୟ ଜଣଙ୍କ ଘରେ ସନ୍ଧ୍ୟାପୂର୍ବରୁ ଘଣ୍ଟାଏ ଟିଉସନ୍ କରି କିଛି ରୋଜଗାର କଲା ଓ ସେଥିରେ ସେ ଯଥାକଥା ଚଳିଗଲା । ଏହିପରି ଭାବେ ଦୁଇବର୍ଷ ବିତିଗଲା ଓ ସନାତନ ମନସ୍ତତ୍ତ୍ୱ ବିଷୟରେ ଦ୍ୱିତୀୟ ଶ୍ରେଣୀରେ ଏମ୍.ଏ.ପାଶ୍ କଲା । ତା'ପରେ ସେ ବହୁଆଡେ ଚାକିରୀ ଖଣ୍ଡେ ପାଇଁ ଦରଖାସ୍ତ ଦେବାରେ ଲାଗିଲା । ମାତ୍ର କୌଣସିଠାରେ ସେ ସଫଳତା ପାଇଲା ନାହିଁ । ମନସ୍ତତ୍ତ୍ୱ ବିଜ୍ଞାନ ସହ ବିଦ୍ୟାଳୟ ଶିକ୍ଷାର ସିଧାସଳଖ ସଂପର୍କ ନ ଥିବାରୁ ତାଙ୍କୁ ମଧ୍ୟ ବି.ଏଡି. ପଢ଼ିବାର ସୁଯୋଗ ମିଳାଲା ନାହିଁ । ପ୍ରାୟ ଦେଢ଼ବର୍ଷକାଳ ସେ ଭୁବନେଶ୍ୱରରେ ଏପଟ ସେପଟ ହୋଇ ବୁଲିଲା । ନିଜ ଖର୍ଚ୍ଚ ତୁଲାଇବା ପାଇଁ ସେ ଦୁଇ ଜଣଙ୍କ ଘରେ ଟ୍ୟୁସନ୍ କରୁଥାଏ । ବିଶ୍ୱବିଦ୍ୟାଳୟ ଛାତ୍ରାବାସରେ ଜଣେ ଚିହ୍ନା ପିଲାପାଖରେ କେବଳ ରାତିରେ ରହିଯାଏ । ପୁରି ସକାଳୁ ଉଠି ଘରକୁ ବାହାରେ ।

ଏ ଭିତରେ ତା ବାପା ଚାକିରୀରୁ ଅବସର ନେଇଗଲେ । ତା'ର ଏ ବେରୋଜଗାର ଅବସ୍ଥା ଦେଖି ଘରେ ତା'ଠାରୁ କିଛି ଆର୍ଥିକ ସହାୟତା ଆଶା କଲେ ନାହିଁ । ସନାତନ ଠାଏ ଦିଠାଏ ଚାକିରୀ ପାଇବାର ସୂଚନା ପାଇଥିଲେ ମଧ୍ୟ ମଧ୍ୟସ୍ଥଙ୍କର ପାଉଣା ଏତେ ବେଶୀ ଥିଲା ଯେ, ସେ ପାରିଲା ନାହିଁ । ଫଳରେ ସେ ଏକ ଅନିଶ୍ଚିତ ଜୀବନ କଟାଇ କୋଉ କୂଳର ହୋଇ ନଥିଲା । ଦିନେ ସେ ଖବର ପାଇଲା ଯେ, ଭୁବନେଶ୍ୱରରେ ନୂଆ ପ୍ରକାର ବସ୍ ଚାଲିବ, ସେଥିରେ ଅନେକ କଣ୍ଡକ୍ଟର ରହିବେ ; ଡ୍ରିମ୍‌ଟିମ୍ ସାହାରା ସଂସ୍ଥା ତାର ଦାୟିତ୍ୱ ନେଇଥିଲା । ସେ ଅନେକ ପଚରାଉଚରା କରି ଜଣେ ଭଦ୍ରଲୋକଙ୍କ ପାଖରେ ପହଞ୍ଚିଲେ ଓ ନିଜର ଦୁଃଖକଥା କହିଲା । ସନାତନର କଥା ଶୁଣି ତାଙ୍କ ମନରେ ଦୟା ଆସିଲା । ସେ ଜାଣିପାରିଲା ଯେ ପିଲାଟି ବୁଦ୍ଧିଆ ହେଲେ କ'ଣ ହେବ, ଚତୁର ନୁହେଁ । ତେଣୁ ସେ ତାକୁ ସାହାଯ୍ୟ କରିବେ ବୋଲି ଭରସା ଦେଲେ । ସନାତନ ମଧ୍ୟ ତାକୁ ନିଜ ଦରମାରୁ ଅଧେ ଲେଖାଏଁ ବର୍ଷକ ଯାଏ ଦେବ ବୋଲି ବିନତି କଲା । ମାତ୍ର ସେ ଭଦ୍ରଲୋକ କିଛି ନେବାକୁ ରାଜି ନହୋଇ ଚାକିରିଟିଏ ଯୋଗାଡ଼ କରିଦେଲେ । ସନାତନ କଟକ-ଭୁବନେଶ୍ୱର ରୁଟ୍‌ରେ ନିଯୁକ୍ତି ପାଇଲା । ଏହା ଥିଲା ସେ ପର୍ଯ୍ୟନ୍ତ ସନାତନ ସଂକ୍ଷିପ୍ତ ଇତିହାସ । ଦିନ ଗଡ଼ି ଚାଲିଲା ।

ଆଉଦିନେ, ସେ ଦିନ ଥିଲା ସୋମବାର ।

ଗାଡ଼ିରେ ସାମାନ୍ୟ ଅଧିକ ଭିଡ଼ଥାଏ । ଗୋବିନ୍ଦବାବୁ ତାଙ୍କ ସିଟ୍‌ରେ ବସୁ ବସୁ ଟିକିଏ ଢୁଳେଇ ପଡ଼ିଥିଲେ । ହଠାତ୍ ପାଟି ପୁଣି ତାଙ୍କ ନିଦ ଭାଙ୍ଗିଗଲା । ସେ ପଛକୁ ଚାହିଁ ଦେଖିଲେ କଣ୍ଡକ୍ଟର ସହିତ ଦୁଇଜଣ ଯୁବକ ଯୁକ୍ତିତର୍କ କରୁଛନ୍ତି । ଗାଡି ଫୁଲନଖରା ଛକ ଟପିଗଲାଣି । ଯୁବକ ଦୁଇଜଣ କହୁଥିଲେ ଯେ ସେମାନେ ବିଶ୍ୱବିଦ୍ୟାଳୟ ଛାତ୍ର ହୋଇ ଥିବାରୁ ରିହାତି ହାରରେ ଟିକଟ୍ ପଇସା ଦେବେ । କଣ୍ଡକ୍ଟର କହୁଥାଏ ଯେ, ସେମାନେ ଛାତ୍ର ବୋଲି ପ୍ରମାଣ ଦେବାକୁ ତାଙ୍କର କଲେଜ ପରିଚୟ ପତ୍ର ନଥିଲା । ତେଣୁ କଣ୍ଡକ୍ଟର ତାଙ୍କୁ ଛାତ୍ର ବୋଲି ଗ୍ରହଣ କରୁନଥିଲା । ଏଥିପାଇଁ ଗଣ୍ଡଗୋଳ ଅନ୍ୟଯାତ୍ରୀମାନେ କେହି କିଛି କହୁନଥାନ୍ତି ; ସେମାନେ ବରଂ କଥା କଟାକଟିକୁ ଉପଭୋଗ କରୁଥାନ୍ତି । ଯୁବକ ଜଣକ ଶେଷରେ ଟିକଟ ପଇସା ନ ଦେବାରୁ ଓ ବିଶ୍ୱବିଦ୍ୟାଳୟ ଛକରେ ତାକୁ ଦେଖିଦେବାକୁ ଧମକ ଦେଲେ । କଣ୍ଡକ୍ଟର ଘ ବାଡ଼ାଇ ଗାଡ଼ିକୁ ଅଟକାଇଲା ଓ ଯୁବକ ଦୁଇ ଜଣଙ୍କୁ ଗାଡ଼ିରୁ ଓହ୍ଲାଇଯିବାକୁ ଅନୁରୋଧ କଲା । ଅନ୍ୟ ଅଫିସ ଯାଉଥିବା ଯାତ୍ରୀମାନେ ଏବେ ଆପତ୍ତି କଲେ ଓ ଗାଡ଼ି ଚଳାଇବାକୁ ବାଧ କଲେ । କିନ୍ତୁ କଣ୍ଡକ୍ଟର ନଛୋଡବନ୍ଧା । ସେ ଅନ୍ୟ ଯାତ୍ରୀମାନଙ୍କୁ ଅନୁରୋଧ କଲା ଘଟଣାକୁ ବୁଝିବାକୁ ଓ ଯୁବକଙ୍କୁ ବୁଝାଇବାକୁ ମାତ୍ର କେହି ହେଲେ ଆଗେଇଲେ ନାହିଁ ।

ଗୋବିନ୍ଦବାବୁ ଆଉ ସହି ପାରିଲେ ନାହିଁ । ସେ ନିଜ ସିଟ୍‌ରୁ ଉଠିଆସି ଛାତ୍ର ଦୁଇଜଣଙ୍କୁ ବୁଝାଇବାକୁ ଚେଷ୍ଟା କଲେ ଓ କଣ୍ଡକ୍ଟର ଠିକ୍ କରୁଥିଲା ବୋଲି ଯୁକ୍ତି କଲେ । ଛାତ୍ର ଦୁଇଜଣ ନିଜ ନିଜର ଜିଦ୍‌ରେ ଅଟଳ ; ସେମାନେ ନିଜର ପରିଚୟ ପତ୍ର ଦେଖାଇବେ ନାହିଁ । ସେମାନେ କହିଲେ ଯେ ସେମାନେ ଏମ୍.ଏ. ପଢୁଥିଲେ ଓ ମିଛ କହୁ ନଥିଲେ । ଏତିକିବେଳେ କଣ୍ଡକ୍ଟରଟି ଗାଡ଼ି ଛାଡ଼ିବାକୁ ଇସାରା ଦେଇ ଯୁବକ ଦୁଇ ଜଣଙ୍କୁ କହିଲା - ଦେଖ ଭାଇ, ତୁମେ ତ ଏମ୍.ଏ ପଢୁଛ । ମୁଁ କିନ୍ତୁ ଏମ୍.ଏ କଣ୍ଡକ୍ଟର । ମୁଁ ତୁମ ବିଶ୍ୱବିଦ୍ୟାଳୟରୁ ଦୁଇବର୍ଷ ତଳେ ଏମ୍.ଏ. ପାଶ କରିଛି । ତୁମେ ଏତେ ପାଠ ପଢ଼ି ମଧ ଏଇ ସାମାନ୍ୟ ନିୟମ ଶୃଙ୍ଖଳାକୁ ମାନିବାକୁ ପ୍ରସ୍ତୁତ ହେଉନାହଁ । ତୁମେ କି ପ୍ରକାର ଶିକ୍ଷିତ ହେବ ଓ ଏ ଦେଶକୁ କି ପ୍ରକାର ନାଗରିକ ଦେବ । ମୁଁ ମନସ୍ତତ୍ତ୍ୱ ବିଜ୍ଞାନରେ ଏମ୍.ଏ. ପାଶ୍ କରି ମଧ ପେଟ ପୋଷିବାକୁ କଣ୍ଡକ୍ଟର ହୋଇଛି । ତୁମେ ଏମ୍.ଏ. ପଢୁଛ ବୋଲି କହି ଶୃଙ୍ଖଳା ନମାନିବାକୁ ଏତେ ଯୁକ୍ତି କରୁଛ । ତୁମଠାରୁ ଏ ବସ୍‌ରେ ବସିଥିବା ଲୋକେ କ'ଣ ଶିଖିବେ ।

ଛାତ୍ର ଦୁଇଜଣଙ୍କ ମୁହଁ ଲାଜରେ ନାଲି ପଡ଼ିଗଲା । ସେମାନେ ନୀରବରେ ପୂରାଟିକେଟ୍ ପଇସା ଦେଇ ବିଶ୍ୱବିଦ୍ୟାଳୟ ଛକରେ ଗାଡ଼ିରୁ ଓହ୍ଲାଇ ଗଲେ । ଏତିକିବେଳେ କେତେଜଣ ଯାତ୍ରୀ ଚୁପ୍ ଚୁପ୍ ହୋଇ କଣ୍ଡକ୍ଟର ସନାତନ ବିଷୟରେ ଆଲୋଚନା କରୁଥିଲେ - ଅନୁକମ୍ପା ଭରା ଭାଷାରେ ।

ନିମ୍‌ଚୌଡ଼ି, କଟକ

୦୦୦୦

# ସମୟ

**ସଫଳା ଦାସ**

ସମୟ କାହାକୁ ଅପେକ୍ଷା କରେ ନାହିଁ ସତ । କିନ୍ତୁ ଅତୀତରେ ଘଟିଯାଇଥିବା କେତୋଟି ଘଟଣା ମଣିଷର ହୃଦୟରେ ବସା ବାନ୍ଧି ରହିଥାଏ । ମନରେ ସବୁବେଳେ ପ୍ରଶ୍ନ ଉଙ୍କିମାରୁଥାଏ । ସୁଖ କ'ଣ ଭଗବାନ ସହିପାରନ୍ତି ନାହିଁ ।

ଗୋଟିଏ ପରିପୂର୍ଣ୍ଣ ପରିଣୀତା ନାରୀ ପାଖରେ ସ୍ୱାମୀ ଇହକାଳ ଓ ପରକାଳର ଦେବତା । ତାର ସବୁ ସୁଖ ସମୃଦ୍ଧିର ଆଧାର କହେ ଏକଣ ହେଲା । ସୁଷମାର ଭାଗ୍ୟରେ ଘନେଇ ଆସିଲା ଅନ୍ଧକାର ଘନ କୁହୁଡ଼ି ।

ପ୍ରତ୍ୟେକ ବିବାହିତା ହିନ୍ଦୁ ନାରୀ ସର୍ବଦା ସର୍ବକାଳେ ମୁଁ କାନି ପାତି ମାଗିଥାଏ ଭଗବାନଙ୍କୁ ପତି ଦେବଙ୍କର ପରମାୟୁ । ହାତରେ ନାଲି ଶଙ୍ଖା, ମଥାରେ ସିନ୍ଦୁର ସବୁବେଳ ପାଇଁ ତାର ମୁଖ ମଣ୍ଡିତ କରିଥାଉ । ସେ ଅହ୍ୟନାରୀର ସନ୍ମାନ ପାଇ ଡେଙ୍ଗୁରା ବଜାଇ ସ୍ୱାମୀ ଆଗରେ ଆର ପାରିକି ଚାଲିଯାଉ ।

ଏ କ'ଣ ସମସ୍ତଙ୍କ ପାଖରୁ ସର୍ବଦା ପାଇଥାଏ ଅହିସୁଲକ୍ଷଣୀର ଆଶୀର୍ବାଦ । କିପରି ସମ୍ଭବ । ସେ ବିଧବା ହୀନ କପାଳୀ ସମସ୍ତ ଶୁଭକାମରେ ବାଦ ପଡ଼ିଯିବ, ଏକଥା ଯେତେ ମନକୁ ବୁଝାଇଲେ ବୁଝିପାରୁନି ସୁଷମା । ବାପା ମାଙ୍କର ଗୁଡିଆ ରାଣୀ ଶାଶୂ ଶଶୁରଙ୍କ ସୁନ୍ଦର ରାଜକୁମାରୀ ବଡ଼ ବୋହୂ ପାଟରାଣୀ ପରି । ବୟସ ମାତ୍ର ସତେଇଶ ବର୍ଷ । କିପରି କଟାଇବ ତାର ସମୟ ଗୁଡ଼ିକୁ । ଏକି ବିଚାର ଈଶ୍ୱରଙ୍କର । ସ୍ୱାମୀ ଶୁଭେନ୍ଦୁ ବହୁତ ଭଲ ପାଆନ୍ତି ନିଜ ଜୀବନଠୁ । କାରଣ ଦୁଇ ଜଣଙ୍କୁ ଦୁଇ ଜଣ ପ୍ରେମ ବିବାହ କରିଥିଲେ ପାଠ ପଢୁଥିବା ସମୟରେ । ପରିବାରର ସମ୍ମତି ପାଇ ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ । ବିବାହର ୮ ବର୍ଷ ଖୁବ୍ ଧୂମ୍ ଧାମ, ସୁଖ, ଅୟସ ଆରାମରେ କଟାଇଛି ସୁଷମା । କେଉଁ କଥାରେ ସ୍ୱାମୀର ଅଭିଯୋଗ ନଥାଏ । ଶୁଭେନ୍ଦୁ କ'ଣ ଜାଣିଥିଲା ତାର ଏହି କେତେଦିନ ସମ୍ପର୍କ ତା ପାଖରେ ଅଛି । ଈଶ୍ୱର ତାକୁ ଖୁବ୍ କମ୍ ସମୟ ଭିତରେ ନେଇଯିବେ ଆର ପାରିକୁ । ବାପା ମା ବନ୍ଧୁ ବାନ୍ଧବ, ଭାଇ ଭଉଣୀ ସମସ୍ତଙ୍କ ମନ କିଣି ନେଇଥିଲା । ହେ ଦଇବ ଲିଖନ, କେ କରେ ଆନ ।

ଏହା ଭିତରେ ପୁଅଟି ଜନ୍ମ ହୋଇ ସ୍କୁଲରେ ପାଠ ପଢ଼ିବାକୁ ଆରମ୍ଭ କରିଛି । ନିଷ୍ପାପ ଶିଶୁଟିଏ । ଏ ପର୍ଯ୍ୟନ୍ତ ବୁଝିପାରୁନି କି ଭୁଲିପାରିନି ତାର ବାପାକୁ । ପ୍ରତ୍ୟେକ ଦିନ ସ୍କୁଲ ଗଲାବେଳେ ବାପ, ମାଆ ତାର ସାଙ୍ଗ ହୋଇ ସ୍କୁଲ ଗେଟ୍ ପାଖରେ ଛାଡ଼ନ୍ତି ।

ପୁଣି ସ୍କୁଲ ଖୋଲ ଛୁଟିରେ ବାପା ତାର ଘରକୁ ଆଣନ୍ତି । ସେଦିନ ବି ସେଇଆ ହୋଇଥିଲା । ପୁଅ ସୟମକୁ ସ୍କୁଲ ଦିନ ୧.୩୦ ମିନିଟ୍‌ରେ ଘରକୁ ଆଣିବା ପରେ ଖାଇବସିଥିଲା । ସୁଭେନ୍ଦୁ ଆଉ ତାର ପୁଅ । ପୁଅ ପାଟିରେ ଟିକି ଖାଇବାକୁ ନେଇ, ସ୍ତ୍ରୀକୁ କହିଥିଲା, ଲେମ୍ବୁଟିକେ ଆଣିବାକୁ । ଏହି ସମୟରେ କ'ଣ ହେଲା କେଜାଣି ଶୁଭେନ୍ଦୁ ଟଳି ପଡ଼ିଲା ଖଟ ଉପରେ । ପୁଅ ଭାବିଲା ବାପା ତାସାଙ୍ଗରେ ଖେଳୁଛନ୍ତି ଖାଇବାରେ ନଟ୍ ଖଟ୍ କରୁଛି ବୋଲି । ଥରେ ଦୁଇ ଥର ବାପାକୁ ଡାକିଲା ହେଲେ ନଶୁଣିବା ବେଳକୁ, ଛୋଟ ଛୁଆଟିଏ । ସମସ୍ତଙ୍କୁ ଡାକିଲା ପରେ ବାପ, ମାଆ ମଧ୍ୟ ସମସ୍ତେ ଏହି ଛୋଟ ପିଲାଟି ଥଟ୍ଟା କରୁଛି ବୋଲି ଭାବିଲେ । କିନ୍ତୁ ଉପର ଘରକୁ ଆସିଲା ବେଳକୁ ଶୁଭେନ୍ଦୁ ନିଜ ବେଡ୍ ଉପରେ ଢଳି ପଡିଛନ୍ତି ସବୁଦିନ ପାଇଁ । ଆଖିକୁ ବିଶ୍ୱାସ ହେଉ ନଥାଏ । ସଙ୍ଗେ ସଙ୍ଗେ ଘରୋଇ ନର୍ସିଂହୋମ୍ ନେଲାପରେ ବି ଗାୟତ୍ରୀ ମନ୍ତ୍ର, ହନୁମାନଚାଳିଶା ସବୁ ଚାଲିଥାଏ, ଶୁଭେନ୍ଦୁ ଆଖି ଖୋଲିବ ବୋଲି ।

ସେ ଆଖି ଆଉ ଖୋଲିଲା ନାହିଁ । ସମସ୍ତଙ୍କୁ ଶୋକସାଗରରେ ଭସାଇ ଚାଲିଗଲା ଆର ପାରିକୁ । ବିଚାରା ପୁଅବି, ଭୁଲିପାରୁନି ସେହି ମୁହୂର୍ତ୍ତକୁ । ତା ମନରେ ଗୋଟିଏ କଥା ବାପା ମେଡ଼ିକାଲ ଯାଇଛନ୍ତି, ଭଲ ହୋଇ ଆସିବେ ।

ବାପାର ପ୍ୟା ଣ୍ଟ, ସାର୍ଟ, ଘ ଣ୍ଟା, କମ୍ପ୍ୟୁଟର, ଯାହା ବି ଦେଖୁଛି ତାର ଯତ୍ନ ନେଉଛି ମୋ ବାପା ଆସିଲେ ବ୍ୟବହାର କରିବେ । ପ୍ରତ୍ୟେକ ଦିନ ପିନ୍ଧୁଥିବା ଡ୍ରେସ୍‌କୁ ମନେ ରଖିଛି ବାପାଙ୍କ ସଙ୍ଗରେ ଆଣିଥିଲି ଜନ୍ମ ଦିନର ଖେଳନା । ଏବେବି ରଖିଛି ହେଲେ ସଂସାର ଯାତ୍ରା ମଂଚରେ ହାତଧରି ଚାଲୁଥିବା ଦୁଇଟି ମଣିଷର ହାତଛଡ଼ା ହୋଇଗଲେ ଭୁଲି ଗଲା ପରି ଲାଗୁଛି ପଥ । କିପରି କାଟିବ ତାର ସମୟ କିପରି ବ ଞ୍ଚିବ । ଯାହାକୁ ନିଜ ପ୍ରାଣଠାରୁ ଅଧିକ ଭଲ ପାଉଥିଲା । ସେ ଅଗ୍ନିକୁ ସାକ୍ଷୀରଖି କଥା ଦେଇଥିଲା । ତାର ସୁଖ ଦୁଃଖ ସମୟରେ ସବୁବେଳେ ତାର ଦାୟିତ୍ୱ ବହନ କରିବ । କ'ଣ କଲା ଫୁଲ କଢ଼ିଟିଏ ଧରାଇ ଦେଇ ସେ ଚାଲିଲଣ ଆର ପାରିକୁ । ଜନ୍ମଦାତ୍ରୀ ମା ବିଶ୍ୱାସ କରି ପାରୁନି ଏବେ ବି ଧାଇଁଛି ପୁଅର ଗାଡ଼ି ଶବ୍ଦ ଶୁଣିବାକୁ । ବାପା ଭୁଲି ଯାଉଛନ୍ତି ସମସ୍ତ ଦେବା ଦେବୀ ଆଉ ମନ୍ଦିର ମସ୍‌ଜିଦ୍‌କୁ । ଯେଉଁ ବାପା ଦିନରେ ଛଅଘ ଣ୍ଟା । ପ୍ରାର୍ଥନା କରୁଥିଲେ ସେ ବାପା ଆଜି ଭଗବାନଙ୍କ ନିକଟରେ ମୁଣ୍ଡିଆ ଟିକେ ମାରୁ ନାହାଁନ୍ତି । ବିଶ୍ୱାସ ହରାଇବସିଛନ୍ତି ଭଗବାନଙ୍କ ଉପରେ । ଭୁଲିପାରୁ ନାହାଁନ୍ତି ସେହି ଦିନ ଆଉ ସେହି ସମୟକୁ ।

ପ୍ରଶାନ୍ତି ଶିକ୍ଷାଶ୍ରମ, ବାଦାମବାଡ଼ି, କଟକ

୦୦୦୦



# ଜ୍ଞାନମଣ୍ଡଳ ଦିବସ ୨୦୧୭

ସମ୍ପାଦକ : ଡ. ବିଭୁଦତ୍ତ ଖଣ୍ଡାୟତରାୟ